### ବିବାହ ବେଦିରୁ ନାବାଳିକାଙ୍କୁ ଉଦ୍ଧାର: ୨ ଗିରଫ

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ଆଦର୍ଶଥାନା ପୋଲିସ ସୋମବାର ଜଣେ ୧୫ ବର୍ଷୀୟା ନାବାଳିକାଙ୍କ ବିବାହ ବନ୍ଦ କରିଛି। ଏହି ଥାନା ଅନ୍ତର୍ଗତ ଅଠରବାଙ୍କୀ ଲକ୍ଫଡ଼ାସ୍ଥିତ ତ୍ରିନାଥ ମନ୍ଦିରରେ ଏହି ବିବାହ ଚାଲିଥିଲା। ପୋଲିସକୁ କୌଣସି ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ବିବାହ ବେଦିରୁ ଉଦ୍ଧାର କରିଛି। ଏହି ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବର ତ୍ରିନାଥ ବେରା ଓ ତାଙ୍କ ଭିଣୋଇ ନେପାଳ ବାରିକ। ଏନେଇ ଥାନାରେ ୧୪୯/୨୧ରେ ମାମଲା ରୁଜୁ ହୋଇଛି। ସମ୍ପୃକ୍ତା ନାବାଳିକାଙ୍କୁ ଜଗତସିଂହପୁର ଶିଶୁଯତ୍ନ ଅନୁଷ୍ଠାନ(ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରାଯାଇଛି।



## ସଂକ୍ଷେପରେ

### ରିଲିଫ ଚୁଡ଼ା ପୋତା ହେବା ଘଟଣା
### ତଦନ୍ତ ଦାବି କଲା କଂଗ୍ରେସ

ରାଜନଗର, ୨୬।୭ (ଡି.ଏନ.ଏ.): ରାଜନଗର ବ୍ଲକ ବାଘମାରୀ ପଞ୍ଚାୟତ ମଞ୍ଜୁଳା ପଲ୍ଲୀ ବିଦ୍ୟାଳୟ ପରିସରରେ ରବିବାର ଚୁଡ଼ା ପୋତା ଯାଇଥିବା ଦେଖିବାକୁ ମିଳିଥିଲା। ୟାସ୍ ବାତ୍ୟା ବିପନ୍ନଙ୍କ ପାଇଁ ଆସିଥିବା ରିଲିଫ ସାମଗ୍ରୀକୁ ବିପନ୍ନଙ୍କୁ ନ ଦେଇ ପୋତି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ମାତ୍ର ସରପଞ୍ଚ କହିଛନ୍ତି, ପ୍ରଶାସନ ପକ୍ଷରୁ ଯେଉଁ ଚୁଡ଼ା ଯୋଗାଇ ଦିଆଯାଇଥିଲା, ସେଥିରୁ ଗୋଟିଏ ବସ୍ତା ଚୁଡ଼ା ଓଦା ହୋଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ତାହାକୁ ଖୋଲିବା ପରେ ଦୁର୍ଗନ୍ଧ ହେଉଥିଲା। ବିପନ୍ନଙ୍କ ଭଲ ପାଇଁ ତାହାକୁ ଖାଇବାକୁ ଦିଆଯାଇ ନ ଥିଲା। ସେହି ଗୋଟିଏ ବସ୍ତା ଚୁଡ଼ାକୁ ପୋତି ଦିଆଯାଇଥିବା ସୂଚନା ଦେଇଥିଲେ। ମାତ୍ର ଆଜି ରାଜନଗର ବ୍ଲକ କଂଗ୍ରେସ କମିଟି ଏହି ଘଟଣାକୁ ନେଇ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। ଏ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛି। ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି କଂଗ୍ରେସ ପକ୍ଷରୁ ଲିଖିତ ଭାବେ ବ୍ଲକ ପ୍ରଶାସନକୁ ଜଣାଇ ଦିଆଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ମୋହନ କୁମାର ଦାସ, ରଞ୍ଜନ କୁମାର ମହାନ୍ତି, ଅଶୋକ କୁମାର ବଳ ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଭେଟି ଏହି ଅଭିଯୋଗ କରିଛନ୍ତି।

### ଏକାଧିକ ମାମଲାରେ ଜଡ଼ିତ ୨ ଅଭିଯୁକ୍ତ ଗିରଫ

ବାଲିକୁଦା, ୨୬।୭(ସ୍ୱପ୍ର): ଏକାଧିକ ଆପରାଧିକ ମାମଲାରେ ଜଡ଼ିତ ଥିବା ବାଲିକୁଦାର ୨ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ରାତିରେ ଏହି ଥାନା ଅନ୍ତର୍ଗତ ବାଲିସାହି ଗାଁର ଓସ୍ତପୁର ସ୍କୁଲ ପରିସରରୁ ଗିରଫ କରିଛି। ସେମାନେ ହେଲେ ସମୀର ନାୟକ ଓ ଗିରିଜା ପ୍ରସନ୍ନ ସାହୁ ଓରଫ ରିଙ୍କୁ । ଉଭୟେ ସେଠାରେ ବସି ନିଶା ସେବନ କରୁଥିବା ବେଳେ ପୋଲିସ ହାତରେ ଧରାପଡିଥିଲେ। ଉଭୟଙ୍କ ନାମରେ ପୂର୍ବରୁ ଦାଦା ବଟି ଆଦାୟ, ରାହାଜାନି ଛିନତାଇ ଭଳି ମାମଲା ରହିଛି। ରିଙ୍କୁ ମାସେ ପୂର୍ବରୁ ପୋଲିସ ହାତରେ ଧରାପଡ଼ି ଜେଲ ଯାଇଥିଲେ। ଗତ ସପ୍ତାହରେ ଜେଲରୁ ମୁକୁଳିପରେ ପୁନର୍ବାର ଆପରାଧିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ହୋଇଥିଲା।

### ମୃତ କୁଳମଣିଙ୍କ ପରିବାରକୁ ସହାୟତା

ବାଲିକୁଦା, ୨୬।୭(ସ୍ୱ.ପ୍ର.): କାମଳ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିବା ବାଲିକୁଦା ବ୍ଲକ ମୁଲୁ ଗାଁର କୁଳମଣି ଭୋଇଙ୍କ ପରିବାରକୁ ବାଲିକୁଦା-ଏରସମା ୟୁଥ ଫାଉଣ୍ଡେସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କୁଳମଣିଙ୍କ ଦୁର୍ବଳ ଆର୍ଥିକ ପରିସ୍ଥିତି ସମ୍ପର୍କରେ ଜାଣିବା ପରେ ଫାଉଣ୍ଡେସନର ମୁଖ୍ୟ ମାନସ ସାହୁଙ୍କ ପରାମର୍ଶକ୍ରମେ ତାଙ୍କ ପରିବାରକୁ ୨ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଚିରଞ୍ଜୀବ ଦାସ, ଦଧିବାମନ ମଲ୍ଲିକ, ସାରଦା ପ୍ରସନ୍ନ ମଲ୍ଲ, ସତ୍ୟଜିତ ପରିଡ଼ା ପ୍ରମୁଖ ତାଙ୍କ ପରିବାରକୁ ଭେଟିଥିଲେ। ଏହି ସହାୟତାରାଶି କୁଳମଣିଙ୍କ ସ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

### ଖବରଦାତାଙ୍କୁ ଆକ୍ରମଣର ପ୍ରତିବାଦ
### ବ୍ଲକ କାର୍ଯ୍ୟାଳୟରେ ସାମ୍ବାଦିକ ସଂଘର ଧାରଣା

ତିର୍ତ୍ତୋଲ, ୨୬।୭ (ଡି.ଏନ.ଏ.): କେନ୍ଦ୍ରାପଡା ଜିଲାର ଜଣେ ଖବରଦାତାଙ୍କୁ ପୋଲିସ ମାଡ ମାରିବା ଘଟଣାକୁ ସୋମବାର ତିର୍ତ୍ତୋଲ ସାମ୍ବାଦିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସଂଘ ପକ୍ଷରୁ ବ୍ଲକ କାର୍ଯାଳୟ ପରିସର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଅଟଳ ବିହାରୀ ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ପ୍ରତିବାଦ ସଭାରେ ସଂଘର ପୂର୍ବତନ ସଭାପତି ଅମରଜ୍ୟୋତି ସାହୁ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ରମାକାନ୍ତ ରାଉଳ,ଜୟନ୍ତ ପରିଜା, ଶ୍ରୀକାନ୍ତ ଦାସ, ଟୁକନ ଚରଣ ସେଠୀ, ପ୍ରଭାସ ଦାସ, ସୁଧାଂଶୁ ଶେଖର ପୃଷ୍ଟି ଓ ନିଶାକର ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ୧୦ ବର୍ଷରେ ଗଲାଣି ୨୦ରୁ ଊର୍ଦ୍ଧ୍ୱ ଜୀବନ

- ଖରସ୍ରୋତା, ବ୍ରାହ୍ମଣୀରେ କୁମ୍ଭୀର ଆତଙ୍କ
- ନଦୀକୁ ଗଡ଼ିବାକୁ ଭୟ କରୁଛନ୍ତି କୂଳବାସୀ



ଆଳି,୨୬।୭ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ରାଜନଗର ବନ ବିଭାଗ ଅଧୀନରେ ଥିବା ଆଳି, ରାଜକନିକା, ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକକୁ ହଂସୁଆ, ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ଓ କାଣୀ ନଦୀ ଘେରି ରହିଛି। ଏହି ନଦୀଗୁଡ଼ିକ ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ ଡାଙ୍ଗମାଳରେ ଥିବା କୁମ୍ଭୀର ପ୍ରଜନନ କେନ୍ଦ୍ର ମଧ୍ୟରେ ଥିବା ଖୋଲା ନଦୀ ସହିତ ସଂଯୁକ୍ତ ଅଛି। ତେଣୁ ବିଭିନ୍ନ ସମୟରେ କୁମ୍ଭୀରଗୁଡ଼ିକ ଏହି ପ୍ରଜନନ କେନ୍ଦ୍ର ମଧ୍ୟରୁ ବାହାରି ଅନ୍ୟ ନଦୀଗୁଡ଼ିକୁ ଚାଲି ଆସୁଛନ୍ତି। ସାଧାରଣତଃ ବର୍ଷାଦିନେ କୁମ୍ଭୀରମାନଙ୍କର ପ୍ରାଦୁର୍ଭାବ ବେଶି ଦେଖିବାକୁ ମିଳିଥାଏ। ବର୍ଷାଦିନେ ମା' କୁମ୍ଭୀରମାନେ ବସାବାନ୍ଧି ଅଣ୍ଡା ଦିଅନ୍ତି। ଏହି ସମୟରେ ବଉଳା କୁମ୍ଭୀର ଅଧିକ ହିଂସ୍ର ହୋଇ ଉଠିଥା'ନ୍ତି।

ଭିତରକନିକା ଅଭୟାରଣ୍ୟର ସୀମା ସଙ୍କୁଚିତ ସାଙ୍ଗକୁ ଜାତୀୟ ଉଦ୍ୟାନ ମଧ୍ୟରେ ଖାଦ୍ୟାଭାବ ଯୋଗୁ କୁମ୍ଭୀରମାନେ ଜନବସତି ଆଡ଼କୁ ମୁହାଁଉଛନ୍ତି। ଦିନକୁଦିନ ନଦୀ ସବୁରେ କୁମ୍ଭୀରଙ୍କ ଉତ୍ପାତ ନଦୀକୂଳବାସୀଙ୍କୁ ଆତଙ୍କିତ କରି ରଖିଛି। ଲୋକେ ନଦୀ ଭିତରକୁ ଗଡିବାକୁ ସାହସ ଜୁଟାଇ ପାରୁନାହାନ୍ତି। ପ୍ରାୟ ପ୍ରତି ୨ରୁ ୪ ମାସ ଅନ୍ତରରେ କେଉଁଠି ନା କେଉଁଠି କୁମ୍ଭୀର ଆକ୍ରମଣରେ ଗୋରୁଙ୍କ ଜୀବନ ଯାଉଛି। ବନ ବିଭାଗ ରିପୋର୍ଟ ଅନୁଯାୟୀ, ୧୦ ବର୍ଷରେ ୧୫ ଜଣଙ୍କ ଜୀବନ ଯାଇଛି। ହେଲେ ବେସରକରୀ ଭାବେ ଏହି ସଂଖ୍ୟା ୨୦ରୁ ଊର୍ଦ୍ଧ୍ୱ। ୧୦ ବର୍ଷ ମଧ୍ୟରେ କୁମ୍ଭୀର-ମଣିଷ ଲଢ଼େଇରେ ୬ରୁ ୭ କୁମ୍ଭୀର ମରିଛନ୍ତି। ଦୁର୍ଘଟଣା ଘଟିଲେ ବିଭାଗୀୟ ଅଧିକାରୀଙ୍କ ଦେଖାମିଳୁଛି। କିନ୍ତୁ ଜନବସତିଠାରୁ କୁମ୍ଭୀରଗୁଡିକ କେମିତି ଦୂରେଇ ରହିବେ ଓ ନଦୀକୂଳବର୍ତ୍ତୀ ଲୋକେ କିଭଳି ନଦୀ ଜଳରେ ସୁରୁଖୁରୁରେ ନିଜର କାର୍ଯ୍ୟ ସମ୍ପାଦନ କରିବେ, ସେ ବିଷୟରେ ବିଭାଗୀୟ ଅଧିକାରୀ ଚିନ୍ତା କରୁନାହାନ୍ତି। କୁମ୍ଭୀରର ମୃତ୍ୟୁ ଘଟିଲେ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ସମସ୍ତେ ଚିନ୍ତା କରନ୍ତି। କିନ୍ତୁ ଗୋଟିଏ ମଣିଷ ଜୀବନ ଚାଲିଗଲେ ସେ ବିଷୟରେ କେହି ସେତିକି ପରିମାଣରେ ଚିନ୍ତା କରୁନାହାନ୍ତି। ମଣିଷ କୁମ୍ଭୀରଟିଏ ମାରିଦେଲେ ବନ ବିଭାଗର ନିୟମ ଅନୁସାରେ ଦଣ୍ଡ ବ୍ୟବସ୍ଥା ରହିଛି। କିନ୍ତୁ ଲୋକଙ୍କୁ କୁମ୍ଭୀର ଖାଇଗଲେ କାହାକୁ ଦଣ୍ଡ ମିଳିବ ବୋଲି ସାଧାରଣରେ ପ୍ରଶ୍ନ ଉଠେ।

୨୦୦୮ରେ ରାଜକନିକା ବ୍ଲକର ବଜରପୁର ଗାଁର ବିଦ୍ୟାଧର ରାଉତ, ୨୦୦୯ରେ ଆଳିର ରାଣୀପୋଖରୀ ଗାଁର ଅନାଦି ଚରଣ ବାରିକ ଖରସ୍ରୋତା ନଦୀକୁ ଶୌଚ ପାଇଁ ଯାଇ କୁମ୍ଭୀରର ଆହାର ପାଲଟିଥିଲେ। ରାଜକନିକା ମହୁରି ଗାଁର ଗଙ୍ଗାଧରପ୍ରସାଦ ଡିଆର ଉମାକାନ୍ତ ବେହେରା, ଓସ୍ତିଆର ବାସନ୍ତୀ ମହୀ, ୨୦୧୧ରେ ରାଜକନିକା ପଙ୍କ ଗାଁର ସୁନାକର ମାଝି, ୨୦୧୨ରେ ରାଜନଗର ରାଜପୁର ଗାଁର ଶ୍ରୀତମ ରାଉତ, ବେଲପାଳ ଗାଁର କମଳାକାନ୍ତ ପରିଡ଼ା, ରାଜକନିକା ବରାଡିଆ ଗାଁର କ୍ଷୀରୋଦ ମଲ୍ଲିକ, ୨୦୧୩ରେ ଆଳିର ସାହୁପଡା ଗାଁର ଛାତ୍ରୀ ସରସ୍ୱତୀ ପରିଡ଼ା, ୨୦୧୪ରେ ଅଜଗରପାଟିଆର ବଉଳ ପ୍ରଧାନ, ୨୦୧୫ରେ ଆଳିର ନଳପାହିର ମନୋରଞ୍ଜନ ସାହୁ, ୨୦୧୬ରେ ବଳରାମପୁରର ଛାୟାମଣି ବାଗ, ଚନ୍ଦନପୁରର କେଦାର ପ୍ରଧାନ, ୨୦୧୭ରେ ରାଜକନିକା ବ୍ଲକ ଆରସାର ରବି ନାରାୟଣ ବେହେରା ପ୍ରମୁଖ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଛନ୍ତି। ୨୦୧୮ରେ ଡିଆପାରି ଗାଁର ଶ୍ରୀକାନ୍ତ ସେଠୀ ଓ ଶ୍ରୀରାମପୁରର ଶରତ ମଲିକ, ଆଳିର ଦିନିଆରିର ବିଜୟ ପାତ୍ର, ୨୦୧୯ରେ ମଣ୍ଡପଡାର ସଞ୍ଜୟ ଓ ସାହୁପଡାର ସୁବାସ ବରାଳ, ୨୦୨୦ରେ ରାଜକନିକା ପାରିମକୁନ୍ଦପୁରର ରୁଦ୍ରନାରାୟଣ ବେହୁରା, ୨୦୨୧ରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଉମାରାଣି ପରିଡା ଓ ପୁରୁଷୋତ୍ତମ ଧଳଙ୍କ କୁମ୍ଭୀର ଆକ୍ରମଣରେ ମୃତ୍ୟୁ ଘଟିଛି।

ଖରସ୍ରୋତା ଓ ବ୍ରାହ୍ମଣୀ ନଦୀର ଗଭୀର ସ୍ଥାନରେ ଏବେ କୁମ୍ଭୀରଗୁଡିକ ରହୁଥିବା ଲୋକେ ଦେଖିବାକୁ ପାଉଛନ୍ତି। ଫଳରେ ନଦୀକୂଳବର୍ତ୍ତୀ ଆଳି ବ୍ଲକର ରାଣୀପୋଖରୀ, ନାଗପଡା, ବାଳକାଟି, ଇଚ୍ଛାପୁର, ତଅାଁଳାଡିଆ, ଚନ୍ଦନନଗର, ବିଜୟନଗର, ସାହୁପଡା, ଦଶିପୁର, ମାଣିକପାଟଣା, କଅାଁରପୁର, ନରେନ୍ଦ୍ରପୁର, ପତ୍ରପୁର, ଭୂଇଁପୁର, ମାନପୁର, ଅରଗଳ, ମଧୁବନ, ମାହାରାକୁଳ, ଗୋବିନ୍ଦପୁର, ଟୁଙ୍ଗା, ବଉଳଯୋଡି, ବଡ଼ମୂଳସାହି ଓ ରାଜକନିକାର ବରୁଣାଡିହା, ଭାରିଗଦା, ବଡ଼ଯୋରମୁହଁ, କାଟଣା, ସିକୋ, ଡାଳିକାଏନ୍ଦା, ବନମାଳୀପୁର, ବଜରପୁର, ବରାଡିଆ, ଗୁଆଳି ଗାଁ, ମହୁରିଗାଁ, ଅନନ୍ତପୁର, ଉପୁଳାଇ ଆଦି ଗ୍ରାମବାସୀ ଆତଙ୍କିତ ଭାବେ ଜୀବନ ଅତିବାହିତ କରୁଛନ୍ତି। ବନ ବିଭାଗ ପକ୍ଷରୁ ନଦୀରେ ଥିବା ଗାଧୁଆ ତୁଠରେ ଲୋକଙ୍କ ସୁରକ୍ଷା ପାଇଁ ତାରଜାଲି ଓ ବହ୍ମା ପୋତିବାର ବ୍ୟବସ୍ଥା ରହିଛି। ହେଲେ ଏହା କରାଯାଉନାହିଁ। ଏ ସମ୍ପର୍କରେ ବନ ବିଭାଗର ରେଞ୍ଜର ଧନେଶ୍ୱର ରାଉତଙ୍କୁ ପଚାରିବାରୁ ସାହୁପଡାର ଦୁଇଟି ଗାଧୁଆ ତୁଠରେ ତାରଜାଲି ଦିଆଯାଇଥିବା ବେଳେ ବଡ଼ମୂଳସାହି, ବଳିତରଘାଟ ଓ ବାଳକାଟିଠାରେ ଗୋଟିଏ ଲେଖାଏ ବ୍ୟାରିକେଡ୍ କରାଯାଇଛି। ଅନ୍ୟସ୍ଥାନରେ ତାରଜାଲି ଦିଆଯିବା ନିମନ୍ତେ ପ୍ରସ୍ତାବ ରହିଛି। ବିଭାଗ ପକ୍ଷରୁ ମଞ୍ଜୁର ମିଳିଲେ ତାହା କରାଯିବ ବୋଲି ସେ କହିଛନ୍ତି।

### ତଥ୍ୟ ନ ଦେବାରୁ ଥାନାରେ ଅଭିଯୋଗ

କେନ୍ଦ୍ରାପଡା ଅଫିସ, ୨୬।୭

ରାଜକନିକା ବ୍ଲକ ଅଞ୍ଚଳର ଛତୁଆ ଯୋଗାଣ ସମ୍ପର୍କରେ ସୂଚନା ଅଧିକାର କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି ଗତ ମେ ୫ରେ ତଥ୍ୟ ମାଗିଥିଲେ। ତେବେ ସମୟ ଅବଧି ସରିଥିବା ଓ ଏଥିପାଇଁ ଟଙ୍କା ପ୍ରଦାନ ସତ୍ତ୍ୱେ ତଥ୍ୟ ନ ମିଳିବା ନେଇ ରାଜକନିକା ଥାନାରେ ପ୍ରତାପ ସୋମବାର ଏକ ଅଭିଯୋଗ ପତ୍ର ଦେଇଛନ୍ତି। ଏ ସମ୍ପର୍କରେ ପ୍ରତାପ କହିଛନ୍ତି, ଜିଲାର ସମସ୍ତ ବ୍ଲକ ଅଞ୍ଚଳର ଛତୁଆ ଯୋଗାଣ ସମ୍ପର୍କରେ ଜିଲା ସମାଜମଙ୍ଗଳ ଅଧିକାରୀଙ୍କୁ ସୂଚନା ଅଧିକାର ଆଇନ ଅନୁଯାୟୀ ତଥ୍ୟ ମଗାଯାଇଥିଲା। ରାଜକନିକା ସିଡିପିଓଙ୍କ ଅଫିସରୁ ଜୁନ୍ ୧୭ ତାରିଖରେ ଚିଠି ନଂ. ୫୧୮ରେ ତଥ୍ୟ କାଗଜପତ୍ର ପାଇଁ ୩୭୨ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ଅନୁଯାୟୀ, ଜୁନ୍ ୨୬ରେ ସମସ୍ତ ଟଙ୍କା ଡିପୋଜିଟ କରାଯାଇଛି। ଏହା ସତ୍ତ୍ୱେ ତଥ୍ୟ ନ ମିଳିବାରୁ ତଦନ୍ତ ପାଇଁ ଥାନାରେ ଅଭିଯୋଗ ପତ୍ର ଦିଆଯାଇଛି। ଏ ସମ୍ପର୍କରେ ସିଡିପିଓଙ୍କ ଜନ ସୂଚନା ଅଧିକାରୀ ସସ୍ମିତା ରାଉତ କହିଛନ୍ତି, ତଥ୍ୟ ପାଇବା ପାଇଁ ବ୍ୟକ୍ତିଗତ ଓ ଇମେଲ ପାଇଁ ଅନୁରୋଧ କରାଯାଇଥିଲା। ୧୮୬ ପୃଷ୍ଠାର ତଥ୍ୟକୁ ବ୍ୟକ୍ତିଗତ ଭାବେ ନେଇଯିବା ପାଇଁ ଅନୁରୋଧ କରାଯାଇ ତାଙ୍କୁ ଗତ ଜୁନ୍ ୩୦ରେ ଏକ ଚିଠି ହୋଇଛି।

## ବୀର ସଚ୍ଚିଦାନନ୍ଦଙ୍କୁ ଦେଶବାସୀ ମନେପକାଇଲେ




ଶହୀଦ ଦିବସ ଅବସରରେ ଉପସ୍ଥିତ ଅତିଥିମାନେ।

**କାରଗିଲ ବୀର ଶହୀଦ ଦିବସ**

ରାଜକନିକା,୨୬।୭(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର କାର୍‌ଗିଲ ବୀର ଶହୀଦ ସଚ୍ଚିଦାନନ୍ଦଙ୍କୁ ଦେଶବାସୀ ମନେ ପକାଇଲେ। ତେବେ ଶହୀଦ ସ୍ମୃତି କମିଟି ପକ୍ଷରୁ ଦାବି ହେଉଥିବା ଶହୀଦ ସ୍ମୃତି ସ୍ତମ୍ଭର କାର୍ଯ୍ୟକୁ ଆଗେଇ ନେବାରେ ରାଜକନିକା ପଞ୍ଚାୟତ ସମିତି ପକ୍ଷରୁ ତାହା ପୂରଣ କରାଯିବ ବୋଲି ସୋମବାର ଶହୀଦ ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍‌ଗିଲ ବିଜୟ ଦିବସରେ ମୁଖ୍ୟଅତିଥି ଭାବେ ଆଳି ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ ସଭାରେ ନିର୍ଭର ପ୍ରତିଶ୍ରୁତ ଦେଇଛନ୍ତି। ଆୟୋଜିତ ସଭାରେ ଶହୀଦ ସ୍ମୃତି କମିଟି ସଭାପତି ଶିବରାମ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ କନିକା ତହସିଲଦାର ପ୍ରେମାନନ୍ଦ ବେହେରା, ସମ୍ମାନିତ ଅତିଥି ଭାବେ ରାଜକନିକା ଥାନାଧିକାରୀ ଉମାକାନ୍ତ ନାୟକ ଓ ରାଜକନିକା ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ଅୟସ୍ ସାମଲ ପ୍ରମୁଖ ସଭାରେ ଯୋଗଦେଇଥିଲେ। ସେମାନେ ସଚ୍ଚିଦାନନ୍ଦଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଳାଭର ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ମଞ୍ଜୁ ରାଉତ, ଖରସ୍ରୋତା ସାଂସ୍କୃତିକ ପରିଷଦର ପ୍ରାକ୍ତନ ସମ୍ପାଦକ କେଶବ ଚରଣ ନାୟକ, ପ୍ରଧାନ ଶିକ୍ଷକ ସଞ୍ଜୟ ସାମଲ, ପ୍ରାକ୍ତନ ସେନାନିବୃତ୍ତ କର୍ମଚାରୀ ଅକ୍ଷୟ ନାଥ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ରାଜକନିକା ବ୍ଲକର ଏ ଗ୍ରେଡ୍ ପାଇଥିବା ଆର.ଏନ. ହାଇସ୍କୁଲର କୋମଳ କରଣ, ଓଳାଭର ହାଇସ୍କୁଲର କ୍ରିଷ୍ଟି ଗୌତମୀ ଦାସ, କଣ୍ଡିଆହାଟ ବି.ପି. ହାଇସ୍କୁଲର ମଧୁସ୍ମିତା ମଲ୍ଲିକ, ବାଜପୁର ସମବାୟ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ମୃତିରାନି ରାଉତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସପ୍ତମ ବାଟାଲିୟନ ଏନ୍‌ସିସି କ୍ୟାଡେଟମାନେ ଶହୀଦ ସ୍ତମ୍ଭରେ ପହଞ୍ଚି ଫୁଲମାଳ ଦେଇ ପ୍ୟାରେଡ କରିଥିଲେ। ଖରସ୍ରୋତା ସାଂସ୍କୃତିକ ପରିଷଦ ସମ୍ପାଦକ ନିରଞ୍ଜନ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ମିତ୍ରଭାନୁ ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ।

### ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଦାବି

ରଘୁନାଥପୁର,୨୬।୭(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଛକ ନିକଟରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ପାର୍ଶ୍ୱରେ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। କରୋନା କଟକଣା ଯୋଗୁ ରବିବାର ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା। ତେବେ ଏହି ପ୍ରତିମୂର୍ତ୍ତିକୁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ପାର୍ଶ୍ୱରୁ ଉଠାଇ ଅନ୍ୟତ୍ର ସ୍ଥାପନ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏ ନେଇ ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କୁ ଦଳୀୟ କର୍ମୀମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାପରେ ସ୍ୱର୍ଗତ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ରଖିଛି। ଗୋପବନ୍ଧୁ ଭଳି ଜଣେ ସ୍ୱାଧୀନତା ସଂଗ୍ରାମୀ ନିକଟରେ ସ୍ୱର୍ଗତ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ଉଚିତ୍ ନୁହେଁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଅପମାନ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ବିଷ୍ଣୁ ଦାସଙ୍କ ପ୍ରତି ସେମାନଙ୍କ ସମ୍ମାନ ରହିଛି। ତାଙ୍କ ପ୍ରତିମୂର୍ତ୍ତି ଅନ୍ୟତ୍ର ସ୍ଥାପନ ହେଲେ କୌଣସି ବିରୋଧ କରାଯିବ ନାହିଁ ବୋଲି କଂଗ୍ରେସ ପକ୍ଷରୁ ପ୍ରଶାନ୍ତ କୁମାର ଦାସ, ହିମାଂଶୁ ଭୂଷଣ ମଲ୍ଲିକ, ସର୍ବେଶ୍ୱର ପଣ୍ଡା, ଆର୍ତ୍ତତ୍ରାଣ ପଣ୍ଡା, ଦେବୀପ୍ରସାଦ ମହାରଣା ପ୍ରମୁଖ ପ୍ରକାଶ କରିଛନ୍ତି। ଏ ନେଇ ପଦକ୍ଷେପ ନିଆଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଲୁଣା ଜଙ୍ଗଲ ପାଇଁ ଜମି ଦାନ କଲେ ଲୋକେ




ରାଜନଗର ଭିତରକନିକାଠାରେ ଲୋକମାନେ ଦେଇଥିବା ଜମିରେ ଲୁଣା ଜଙ୍ଗଲ ପାଇଁ ଚାରାରୋପଣ କରାଯାଉଛି।

ରାଜନଗର, ୨୬।୭ (ଡି.ଏନ.ଏ.)

ବନ ମହୋତ୍ସବ ସପ୍ତାହ ଅବସରରେ ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ମ୍ୟାନ ଗ୍ରୁଭ ମିତ୍ର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଲୁଣା ଜଙ୍ଗଲ ସୃଷ୍ଟି ଓ ସୁରକ୍ଷାରେ ସ୍ଥାନୀୟ ଅଧିବାସୀଙ୍କ ସମ୍ପୃକ୍ତି ବଢ଼ାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ବାତ୍ୟା ୟାସ୍ ପ୍ରଭାବରୁ ରାଜନଗରବାସୀଙ୍କୁ ରକ୍ଷା କରିବାରେ ଲୁଣା ଜଙ୍ଗଲ ପ୍ରମୁଖ ଭୂମିକା ନେଇଥିଲା। ଲୁଣା ଜଙ୍ଗଲ ପାଇଁ ରାଜନଗର ସମେତ ସମଗ୍ର କେନ୍ଦ୍ରାପଡ଼ା ଜିଲା ଅଳ୍ପକେ ରକ୍ଷା ପାଇଯାଇଥିଲା। ଲୁଣା ଜଙ୍ଗଲ ଅଞ୍ଚଳର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୁରକ୍ଷାକର୍ମୀ ସାଜିଥିବାରୁ ଅଞ୍ଚଳର ସୁରକ୍ଷା ପାଇଁ ଅଧିକ ଲୁଣା ଜଙ୍ଗଲର ଆବଶ୍ୟକତା ରହିଛି। ଏ ନେଇ ଅବୈତନିକ ବନଖଣ୍ଡ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା ଓ କନିକା ରେଞ୍ଜ ଅଫିସର ମାନସ କୁମାର ଦାସ ସ୍ଥାନୀୟ ଲୋକଙ୍କୁ ସଚେତନ କରିବା ପରେ ଲୋକେ ବନ ବିଭାଗର ମ୍ୟାନ ଗ୍ରୁଭ ମିତ୍ର କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆଗେଇ ଆସିଛନ୍ତି। ରାଜେନ୍ଦ୍ର ନାରାୟଣପୁର ଗାଁର ଦିଲୀପ କୁମାର ମଣ୍ଡଳ, ପରମାନନ୍ଦପୁର ମୌଜାର ୧ ଏକର ଜମି ଓ ନଳିତାପାଟିଆ ଗାଁର ସତ୍ୟପ୍ରିୟ ସାହୁ ନଳିତାପାଟିଆ ମୌଜାରେ ୧ ଏକର ଜମି ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ବନ ବିଭାଗକୁ ହସ୍ତାନ୍ତର କରିବା ନିମନ୍ତେ ଲିଖିତ ଭାବେ ଜଣାଇଥିଲେ। ବ୍ରାହ୍ମଣୀ ନଦୀକୂଳରେ ଏହି ୨ ଏକର ଜମି ଅବସ୍ଥିତ। ନଦୀର ଜୁଆର ପାଣି ଏହି ଜମିକୁ ଯା'ଆସ କରୁଛି। ସୋମବାର ବିଶ୍ୱ ଲୁଣା ଜଙ୍ଗଲ ସଂରକ୍ଷଣ ଦିବସ ଅବସରରେ ଏହି ବ୍ୟକ୍ତିଗତ ଜମିରେ ଲୁଣା ଜଙ୍ଗଲ ସୃଷ୍ଟି ନିମନ୍ତେ ଚାରାରୋପଣ କରାଯାଇଛି। ଜମି ମାଲିକଙ୍କ ସହ ଡିଏଫ୍‌ଓ, ଅବୈତନିକ ବନଖଣ୍ଡ ତତ୍ତ୍ୱାବଧାରକ, ରେଞ୍ଜ ଅଫିସର, ଖମାର ସାହି ସରପଞ୍ଚ ରତିକାନ୍ତ ସେଠୀ ପ୍ରମୁଖ ଯୋଗଦେଇ ବ୍ୟକ୍ତିଗତ ଜମିରେ ଲୁଣା ଜଙ୍ଗଲ ସୃଷ୍ଟି ନିମନ୍ତେ ରାଇ, ସିନ୍ଧୁକା, ଶିଶୁମର, ଗରାଣୀ ପ୍ରଭୃତି ଚାରାରୋପଣ କରାଯାଇଛି। ଲୁଣା ଜଙ୍ଗଲ ସୃଷ୍ଟି ନିମନ୍ତେ ଜମି ଦାନ କରୁଥିବା ଜମିଦାତାମାନଙ୍କୁ ଉତ୍ସାହିତ କରିବାକୁ ଭିତରକନିକା ପ୍ରବେଶ ପଥ ନିକଟରେ ସୂଚନା ଫଳକ ମରାଯିବ। ଯେଉଁମାନେ ଜମି ଦାନ କଲେ, ତାଙ୍କର ନାମ ସେଥିରେ ଉଲ୍ଲେଖ ରହିବ ବୋଲି ନିଷ୍ପତ୍ତି ହୋଇଥିବା ଡିଏଫ୍‌ଓ ପତି କହିଛନ୍ତି। ଜମି ଦାନ କରିଥିବା ୨ ଯୁବକଙ୍କୁ ବନ ବିଭାଗ ପକ୍ଷରୁ ସାର୍ଟିଫିକେଟ ଦିଆ ଯାଇଛି। ବନ ବିଭାଗର ଏହି ଅଭିନବ ପଦକ୍ଷେପ ଲୁଣା ଜଙ୍ଗଲର ସୁରକ୍ଷା ଓ ଅଭିବୃଦ୍ଧି ଦିଗରେ ସହାୟକ ହେବ ବୋଲି ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

## ସରକାରୀ ଗାଇଡଲାଇନରେ ହେଲା ପାଠପଢ଼ା



ପିଲାମାନେ ସ୍କୁଲରେ ବସି ପାଠ ପଢୁଛନ୍ତି।

ଆଳି,୨୬।୭(ଡି.ଏନ.ଏ)

ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସୋମବାର ରାଜ୍ୟର ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିଛି। ଆଳି ବ୍ଲକରେ ଥିବା ସମସ୍ତ ହାଇସ୍କୁଲରେ ଦଶମ ଶ୍ରେଣୀ ପାଠପଢ଼ା ଆରମ୍ଭ ହୋଇଛି। ଦୀର୍ଘଦିନ ପରେ ବିଦ୍ୟାଳୟ ଖୋଲୁଥିବାରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ପରିସରକୁ ସମ୍ପୂର୍ଣ୍ଣ ସାନିଟାଇଜ୍ କରାଯାଇଛି। ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ ହାଇସ୍କୁଲ ପରିସରକୁ ଛାତ୍ରୀଛାତ୍ରମାନେ ଦିନ ୧୦ଟାରେ ପ୍ରବେଶ କରିବା ପରେ ସେମାନଙ୍କୁ ସାନିଟାଇଜର ଦିଆଯାଇଥିଲା। ଶ୍ରେଣୀ କକ୍ଷରେ ସାମାଜିକ ଦୂରତା ରକ୍ଷା କରିବା ସହ ପ୍ରତି କକ୍ଷରେ ୨୫ ଜଣ ଛାତ୍ରୀଛାତ୍ର ବସିଥିବା ଦେଖିବାକୁ ମିଳିଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ୍ମଚରଣ ମହାଳିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସରକାର ଦୀର୍ଘଦିନ ପରେ ଛାତ୍ରୀଛାତ୍ରଙ୍କୁ ପଢିବା ନିମନ୍ତେ ବିଦ୍ୟାଳୟକୁ ଛାଡିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହାଦ୍ୱାରା ପିଲାମାନେ ଠିକ୍ ଭାବେ ପଢ଼ିପାରିବେ। ପିଲାମାନେ ମଧ୍ୟ ଗାଇଡ୍‌ଲାଇନ ମାନି ମାସ୍କ ପିନ୍ଧି ଶ୍ରେଣୀ କକ୍ଷରେ ପାଠ ପଢୁଛନ୍ତି। ବିଦ୍ୟାଳୟର ପିଲାମାନେ ପ୍ରତିକ୍ରିୟାରେ କହିଛନ୍ତି, ଦୀର୍ଘଦିନ ହେବ ଚାଲିଥିବା ଅନ୍‌ଲାଇନ କ୍ଲାସ ଯୋଗୁ ସେମାନେ ଠିକ୍ ଭାବେ ପଢ଼ି ପାରୁ ନ ଥିଲେ। ଅନେକ ଛାତ୍ରୀଛାତ୍ରଙ୍କ ନିକଟରେ ସ୍ମାର୍ଟ ମୋବାଇଲ ନ ଥିବାବେଳେ ନେଟ୍‌ୱର୍କ ସମସ୍ୟା ସେମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରୁଥିଲା। ସ୍କୁଲ ଖୋଲିବା ପରେ ଅନ୍‌ଲାଇନ ପାଠପଢ଼ାରୁ ମୁକ୍ତି ମିଳିଛି। ଏବେ ସିଧାସଳଖ ଶିକ୍ଷୟିତ୍ରୀଶିକ୍ଷକଙ୍କଠାରୁ ପଢ଼ିବେ, ପାଠ ବୁଝି ନ ପାରିଲେ ପଚାରି ବୁଝିପାରିବେ। ସେହିପରି ଶରତ କୁମାର ଦେବ ହାଇସ୍କୁଲ, ପତ୍ରପୁର ଏସ୍‌କେସି ହାଇସ୍କୁଲ, ଆଳି ହାଇସ୍କୁଲ, ଚଣ୍ଡିଆଗଡି ହାଇସ୍କୁଲ, ମହୁ ହାଇସ୍କୁଲ, ଅଟାଳ ହାଇସ୍କୁଲ ଆଦି ବ୍ଲକର ସମସ୍ତ ହାଇସ୍କୁଲରେ ବିଦ୍ୟାଳୟ ଖୋଲିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସି ପରିଲକ୍ଷିତ ହୋଇଛି।

# ଜଗତ୍‌ସିଂହପୁରରେ ୫୨% ଉପସ୍ଥାନ

### ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ

- ଜିଲାପାଳଙ୍କ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ



ଜଗତ୍‌ସିଂହପୁର ବୃନ୍ଦାବନ ବିଦ୍ୟାପୀଠରେ ପିଲାମାନେ ଶ୍ରେଣୀ ଗୃହରେ ବସି ପାଠ ପଢୁଛନ୍ତି।

ଜଗତ୍‌ସିଂହପୁର ଅଫିସ, ୨୬।୭

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଦୀର୍ଘ ଦିନ ପରେ ସୋମବାର ଦଶମ ଶ୍ରେଣୀ ପିଲାଙ୍କ ନିମନ୍ତେ ବିଦ୍ୟାଳୟ ଖୋଲିଛି। କୋଭିଡ୍ କଟକଣା ମଧ୍ୟରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ପାଠ ପଢ଼ିଛନ୍ତି। ପ୍ରଥମ ଦିନରେ ଜିଲାର ବିଭିନ୍ନ ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୨ ପ୍ରତିଶତ ଉପସ୍ଥିତ ଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ପ୍ରମୁଖ ଏହି ଅବସରରେ ଜିଲା ମୁଖ୍ୟାଳୟରେ ଥିବା ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ଅନ୍ୟ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି କୋଭିଡ୍ କଟକଣା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ବୁଝିଛନ୍ତି।

ସରକାରଙ୍କ ନିର୍ଦ୍ଦେଶ ଅନୁସାରେ, ୧୦ଟାରୁ ଅପରାହ୍ନ ୧ଟା୩୦ ମଧ୍ୟରେ ବିଦ୍ୟାଳୟରେ ଶିକ୍ଷାଦାନ ଦିଆଯାଇଥିଲା। ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ପହଞ୍ଚିବା ପରେ ପ୍ରାର୍ଥନା କରାଯାଇ ନ ଥିଲା। ମଧ୍ୟାହ୍ନ ଭୋଜନ କରିବା ଉପରେ କଟକଣା ଲଗାଯାଇଥିଲା। ପ୍ରଥମେ କ୍ଲାସରେ ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର ଓ ସାମାଜିକ ଦୂରତା ଆଦି ଉପରେ ବିସ୍ତୃତ ଭାବେ ବୁଝାଯାଇଥିଲା। ବିଦ୍ୟାଳୟସ୍ତରରେ ୩ ଜଣିଆ କୋଭିଡ୍ ମନିଟରିଂ କମିଟି ଏସବୁ ଉପରେ ଅନୁଧ୍ୟାନ କରିଥିଲେ। ତେବେ ଏହା ଭିତରେ ବୃନ୍ଦାବନ ଆଦର୍ଶ ସରକାରୀ ଉଚ୍ଚ ବିଦ୍ୟାଳୟର ଚିତ୍ର କିଛି ନିଆରା ଥିଲା। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପ୍ରବେଶ ସମୟରେ ମୁଖ୍ୟ ଫାଟକ ସାମ୍ନାରେ କୋଭିଡ୍-୧୯ ରି-ଓପନିଂ ଦିବସ ଲେଖା ଦେଖିବାକୁ ପାଇଥିଲେ। ଭିତରକୁ ପଶିଲା ବେଳକୁ ସ୍ୱାଗତ କରିବା ପାଇଁ ପୂର୍ଣ୍ଣ କୁମ୍ଭ ଓ ମୁରୁଜରେ ରଙ୍ଗୋଲି ବ୍ୟବସ୍ଥା କରାଯାଇଥିଲା। ସାମାଜିକ ଦୂରତା ରକ୍ଷା ପାଇଁ ଚୂନରେ ଗୋଲ ବୁଲାଯାଇଥିଲା। ପ୍ରତ୍ୟେକଙ୍କ ଥର୍ମାଲ ସ୍କାନିଂ କରାଯାଇଥିଲା। ସେକ୍ସନ୍ ଓ ରୋଲ ନମ୍ବର ଅନୁଯାୟୀ କେଉଁ କୋଠରିରେ ବସିବାକୁ ପଡିବ ସେଥିପାଇଁ ବ୍ୟବସ୍ଥା ହୋଇଥିଲା। ଶ୍ରେଣୀ ବାହାରେ ରୁଟିନ୍ ମରାଯାଇଥିଲା। କୋଠରୀ ଭିତରେ ପଡ଼ିଥିବା ଟେବୁଲ୍‌ରେ ରୋଲ ନମ୍ବର ଉଲ୍ଲେଖ ଥିଲା। ପ୍ରତ୍ୟେକ ଦିନ ଛାତ୍ରୀଛାତ୍ରମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ବସିବାରେ ଯେପରି ଅସୁବିଧା ନ ହୁଏ ସେଥିପାଇଁ ଏଭଳି ବ୍ୟବସ୍ଥା କରାଯାଇଥିବା କୁହାଯାଇଛି। ଶ୍ରେଣୀ ଗୃହରେ ପିଲାମାନଙ୍କୁ ମାଗଣାରେ ମାସ୍କ ବଣ୍ଟନ କରାଯାଇଥିଲା। କୋଭିଡ୍ ସମ୍ପର୍କରେ ସଚେତନ ରହିବା ପିଲାମାନଙ୍କୁ ପାଇଁ ବୁଝାଯାଇଥିଲା। ଗୋଟିଏ କ୍ଲାସ ସରିଲା ପରେ ଅନ୍ୟ ଜଣେ ଶିକ୍ଷକ ନ ଆସିବା ପର୍ଯ୍ୟନ୍ତ ପୂର୍ବ ଶିକ୍ଷକ ଉପସ୍ଥିତ ଥିଲେ। ପିଲାମାନେ ବିଦ୍ୟାଳୟରେ ପହଞ୍ଚିବା ପୂର୍ବରୁ ଏବଂ ପରେ ଶ୍ରେଣୀ ଗୃହ ସାନିଟାଇଜ୍ କରାଯାଇଥିଲା। ଜିଲାପାଳ ଓ ଡିଇଓ ଏହି ବିଦ୍ୟାଳୟ ପରିଦର୍ଶନ ସମୟରେ ଏସବୁ ଅନୁଧ୍ୟାନ କରିବା ସହ ସ୍ମାର୍ଟ କ୍ଲାସ୍ ରୁମ୍ ଓ ଇ- ଲାଇବ୍ରେରି ଆଦି ଦେଖିଥିଲେ।

ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ କହିଛନ୍ତି, ତାଙ୍କ ବିଦ୍ୟାଳୟର ୧୦ମ ଶ୍ରେଣୀରେ ପଢୁଥିବା ୫୧ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୪ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ଯେପରି କୌଣସି ପ୍ରକାର ଅସୁବିଧା ନ ଆସେ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ଅନୁପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ଆସିବା ପାଇଁ ବାଧ୍ୟବାଧକତା ନ ଥିଲେ ସୁଦ୍ଧା କାହିଁକି ଆସି ନ ଥିଲେ ସେ ସମ୍ପର୍କରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ବୁଝିଥିବା କହିଛନ୍ତି।

## ସଂକ୍ଷେପରେ

### ରାସ୍ତାରେ ୨ ଫୁଟ୍‌ର ବର୍ଷା ପାଣି

**ସିଂହପୁର,୨୬।୭(ଡି.ଏନ୍‌.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଡିହକୁଳା ପୂର୍ତ୍ତ ବିଭାଗ ରାସ୍ତାର ନାଉବାଙ୍କଠାରେ ବର୍ଷାପାଣି ଲହଡି ମାରୁଛି। ଏହି ରାସ୍ତାର ନାଉବାଙ୍କସ୍ଥିତ ନିରଞ୍ଜନ ଜେନାଙ୍କ ଘରଠାରୁ ଉମାକାନ୍ତ ସାହୁଙ୍କ ଘର ପର୍ଯ୍ୟନ୍ତ ଶହେ ମିଟର ରାସ୍ତା ଉପରେ ୨ ଫୁଟର ବର୍ଷାପାଣି ଜମି ରହିଛି। ଜଳ ନିଷ୍କାସନର ସୁବିଧା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ସେଠାରେ ପାଣି ଜମିଯାଉଛି। ଏହି ରାସ୍ତା ଉପରେ ପ୍ରାୟ ୨୦ ପଞ୍ଚାୟତ ଲୋକ ନିର୍ଭରଶୀଳ। ମାତ୍ର ପାଣି ଜମି ରହୁଥିବାରୁ ବହୁ ସମୟରେ ବାଇକ ଚାଳକମାନେ ଏହି ସ୍ଥାନରେ ପଡି ଆହତ ହେଉଥିବା ନଜିର ରହିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଜୟ ସାମଲ, ଘନଶ୍ୟାମ ନାୟକ ଓ ପ୍ରଫୁଲ ନାୟକ ପ୍ରମୁଖ ଦାବି କରିଛନ୍ତି।

### ନାବାଳିକା ଉଦ୍ଧାର, ଅଭିଯୁକ୍ତ କୋର୍ଟଚାଲାଣ

**ରସୁଲପୁର,୨୬।୭(ଡି.ଏନ୍‌.ଏ.):** କୁଆଖିଆ ଥାନା ଅଞ୍ଚଳରୁ ୧୧ ଜୁନ୍ ୨୦୨୧ରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତା ନାବାଳିକାଙ୍କୁ ସୋମବାର ପୋଲିସ ଅଭିଯୁକ୍ତଙ୍କ ଘରୁ ଉଦ୍ଧାର କରିଛି। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ଓଚିନ୍ଦା ଗ୍ରାମର ଅଭିମନ୍ୟୁ ଦାସଙ୍କ ପୁଅ ବାଦଲ। ଅପହୃତା ନାବାଳିକାକୁ ପୋଲିସ ସ୍ୱଧାର ଗୃହରେ ଛାଡି ଦେଇଛି। ଅଭିଯୋଗ ଅନୁଯାୟୀ, ବାଦଲଙ୍କ ସହ ସମ୍ପୃକ୍ତା ନାବାଳିକାଙ୍କ ପ୍ରେମ ସମ୍ପର୍କ ଥିଲା। ଏନେଇ ବାଦଲ ତାଙ୍କୁ ଅପହରଣ କରିଛନ୍ତି ବୋଲି ପରିବାର ଲୋକେ ଅଭିଯୋଗରେ ଦର୍ଶାଇଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ. ୨୦୭/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ବାଦଲ ସମ୍ପୃକ୍ତ ନାବାଳିକାଙ୍କୁ ନେଇ ଘରକୁ ଫେରିଥିବା ପୋଲିସକୁ ଖବର ମିଳିଥିଲା। ଏହାପରେ ସେଠାରେ ଚଢ଼ାଉ କରାଯାଇଥିଲା।

### ଅପହୃତା ନାବାଳିକା ଉଦ୍ଧାର

**ବାଲିକୁଦା, ୨୬।୭(ସ୍ୱ.ପ୍ର.):** ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଞ୍ଚଳ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ୪ ମାସ ପୂର୍ବେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ସୋମବାର ସମ୍ପୃକ୍ତା ନାବାଳିକା ଘରକୁ ଫେରିବା ପରେ ତାଙ୍କୁ ନେଇ ବାପା ଥାନାକୁ ଆସିଥିଲେ। ସାଙ୍ଗରେ ଅଭିଯୁକ୍ତ ଯୁବକ ଜଣକ ମଧ ଥିଲେ। ଏହାପରେ ପୋଲିସ ସମ୍ପୃକ୍ତା ନାବାଳିକାଙ୍କ ବୟାନ ରେକର୍ଡ କରି କୋର୍ଟରେ ହାଜିର କରାଇଛି।

### ଖବରଦାତାଙ୍କୁ ଆର୍ଥିକ ସହାୟତା ଦାବି



**ଯାଜପୁର ଅଫିସ,୨୬।୭:** କରୋନା ବିପତ୍ତି ସମୟରେ ଖବରଦାତାମାନଙ୍କୁ ଆର୍ଥିକ ସହାୟତା ସହ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ଦାବି ହୋଇଛି। ଏହି ମର୍ମରେ ସଂଘ ପକ୍ଷରୁ ଯାଜପୁର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ସମ୍ପ୍ରତି ପେସାଦାର ସାମ୍ବାଦିକମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ଖବରଦାତାଙ୍କୁ ଗୁଳି ମାରିଦେବାକୁ ଧମକ ଦେଇଥିବା ଗୋପ ଥାନା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ କେନ୍ଦ୍ରାପଡ଼ାରେ କର୍ତ୍ତବ୍ୟରତ ଖବରଦାତାଙ୍କୁ ସର୍ବସମ୍ମୁଖରେ ମାଡ଼ ମାରିଥିବା ମହିଳା କନଷ୍ଟେବଲଙ୍କୁ ତୁରନ୍ତ ନିଲମ୍ବନ ଓ ଗିରଫ କରାଯାଉ। ଅନ୍ୟପକ୍ଷରେ କୋଭିଡ୍ ମହାମାରୀରେ ଖବରଦାତାମାନେ ପ୍ରଭାବିତ ହୋଇ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହୋଇଛନ୍ତି। ତେଣୁ ଖବରଦାତାମାନଙ୍କୁ ବାର୍ଷିକ ଲକ୍ଷେ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି। ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଜିଲା ସଂଘ ସଭାପତି ହରିହର ସ୍ୱାଇଁ, ସମ୍ପାଦକ ରବିନାରାୟଣ କର, ଉପସଭାପତି ପୀତବାସ ଭୂୟାଁ, ପ୍ରଦୀପ ଜେନା, ବାଞ୍ଛାନିଧି ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ରକ୍ଷଣାବେକ୍ଷଣ ନାଁରେ ଅର୍ଥ ହରିଲୁଟ

**ଯାଜପୁର ଅଫିସ,୨୬।୭**

**ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା**

- ୪ ରାସ୍ତା ପାଇଁ ୯.୪୧ ଲକ୍ଷ ଟଙ୍କାର ପ୍ରସ୍ତାବ
- ପୂର୍ବରୁ ୧୮.୯୮ ଲକ୍ଷ ଖର୍ଚ୍ଚ ହୋଇଛି

ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ ଡିଭିଜନ ଜାରକା-୨ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ର ୪ଟି ରାସ୍ତାର ରୁଟିନ ରକ୍ଷଣାବେକ୍ଷଣ ପାଇଁ ୯ ଲକ୍ଷ ୪୧ ହଜାର ୧୩୩ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏଥିପାଇଁ ପିଏମ୍‌ଜିଏସ୍‌ୱାଇର ଚିଫ୍ ଇଞ୍ଜିନିୟରଙ୍କୁ ଗତ ୨୨ ତାରିଖରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ଏହାପୂର୍ବରୁ ଏହି ୪ଟି ପ୍ରକଳ୍ପର ମରାମତି ପାଇଁ ୧୮ ଲକ୍ଷ ୯୮ ହଜାର ଟଙ୍କା ପ୍ରଦାନ କରାଯାଇଛି। ତେବେ ଭଗୀରଥପୁରଠାରୁ କୁଜିବର ରାସ୍ତାର ରକ୍ଷଣାବେକ୍ଷଣ ଅନାବଶ୍ୟକ ଥିବାସ୍ଥଳେ କାହିଁକି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତାବ ଦିଆଯାଇଛି, ତାହା ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ରକ୍ଷଣାବେକ୍ଷଣ ନାମରେ ଠିକାଦାର ପୋସା ନୀତି ଚାଲିଛି ବୋଲି ମତପ୍ରକାଶ ପାଇଛି।

ପିଏମ୍‌ଜିଏସ୍‌ୱାଇରେ ୨୦୧୭-୧୮ରେ ୭୧୪୦.୭୭ କିମି, ୨୦୧୮-୧୯ରେ ୮୧୨୯.୮୮ କିମି ଓ ୨୦୧୯-୨୦ରେ ୫୨୯୮.୪୩ କିମି ରାସ୍ତା ନିର୍ମାଣ କରି ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଦ୍ୱାରା ଉତ୍ଥାପିତ ଗତ ମାର୍ଚ୍ଚ ମାସର ବିଧାନସଭା ପ୍ରଶ୍ନର ଉତ୍ତରରେ ଗ୍ରାମ୍ୟ ନିର୍ମାଣ ବିଭାଗର ଯନ୍ତ୍ରୀମୁଖ୍ୟଙ୍କ ତଥ୍ୟରୁ ଏହି ସୂଚନା ମିଳିଥିଲା। ତେବେ ଯାଜପୁର ଜିଲାରେ ପିଏମ୍‌ଜିଏସ୍‌ୱାଇରେ ଅନିୟମିତତା ଓ ଦୁର୍ନୀତି ଭରି ରହିଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି। ଏଥିପାଇଁ କେତେଜଣ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ମଧ ଜାରି କରାଯାଇଛି। ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରି ଅଞ୍ଚଳର ବିକାଶ ପ୍ରକ୍ରିୟାରେ ସନ୍ତୁଳନ ରକ୍ଷା କରିବା ପାଇଁ ପିଏମ୍‌ଜିଏସ୍‌ୱାଇ ପ୍ରଣୀତ ହୋଇଛି। ପିଏମ୍‌ଜିଏସ୍‌ୱାଇ-୧ ନିୟମାନୁସାରେ ୨୦୦୧ ଜନଗଣନାକୁ ଭିତ୍ତିକରି ସାଧାରଣ ଅଞ୍ଚଳରେ ୫୦୦ରୁ ଊର୍ଦ୍ଧ୍ୱ, ଆଇଏପି ଅଞ୍ଚଳରେ ୨୫୦ରୁ ଊର୍ଦ୍ଧ୍ୱ ଏବଂ ଏଲଡବ୍ଲ୍ୟୁଇ ବ୍ଲକ ଅଞ୍ଚଳରେ ୧୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗ୍ରାମଗୁଡ଼ିକୁ ଯୋଗ୍ୟ ଗ୍ରାମ ବୋଲି ଧରାଯାଇଛି।

ଏହିକ୍ରମରେ ଆର ଆଣ୍ଡ ବି ରାସ୍ତା ଠାରୁ ମଙ୍ଖିପାଟଣା ରାସ୍ତା ଗତ ୫ ବର୍ଷ ୧ ମାସ ହେଲା ସମ୍ପୂର୍ଣ୍ଣ ହୋଇଛି। ପୂର୍ବରୁ ୩୧।୮।୨୦୨୦ରେ ଏହି ରାସ୍ତାର ରୁଟିନ ରକ୍ଷଣାବେକ୍ଷଣ ପାଇଁ ୭ ଲକ୍ଷ ୯୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପୁଣି ଏହି ରାସ୍ତାର ରୁଟିନ ରକ୍ଷଣାବେକ୍ଷଣ ପାଇଁ ୨ ଲକ୍ଷ ୪୧ ହଜାର ୮୮୬ ଟଙ୍କାର ପ୍ରସ୍ତାବ ଦିଆଯାଇଛି। ସେହିଭଳି ଭଗୀରଥପୁରଠାରୁ କୁଜିବର ରାସ୍ତା ୨ ବର୍ଷ ୧୦ ମାସ ହେଲା ସମ୍ପୂର୍ଣ୍ଣ ହୋଇଛି। ଏହି ରାସ୍ତାରେ ରୁଟିନ ରକ୍ଷଣାବେକ୍ଷଣ ନାମରେ ଗତ ୨୨।୧।୨୦୨୦ରେ ୧ ଲକ୍ଷ ୬୯ ହଜାର ଟଙ୍କା ପ୍ରଦାନ ହୋଇଥିବାବେଳେ ପୁଣି ୧ ଲକ୍ଷ ୧ ହଜାର ୫୨୭ ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତାବ ଦିଆଯାଇଛି। ରାଇପଦାଠାରୁ କୋଠଡିହ ରାସ୍ତା ୨ ବର୍ଷ ୪ ମାସ ହେଲା ସମ୍ପୂର୍ଣ୍ଣ ହୋଇଥିଲାବେଳେ ୩୧।୮।୨୦୨୦ରେ ୩ ଲକ୍ଷ ୧୯ ହଜାର ଟଙ୍କା ରକ୍ଷଣାବେକ୍ଷଣ ନାମରେ ଖର୍ଚ୍ଚ ହୋଇଛି। ଏବେ ପୁଣି ଏହି ରାସ୍ତା ପାଇଁ ୨ ଲକ୍ଷ ୩୮ ହଜାର ୭୩୧ ଟଙ୍କାର ପ୍ରସ୍ତାବ ଦିଆଯାଇଛି। ମଧୁସୂଦନପୁରଠାରୁ ତରସା ରାସ୍ତା ୪ ବର୍ଷ ୮ ମାସ ହେଲା ସମ୍ପୂର୍ଣ୍ଣ ହୋଇଥିଲାବେଳେ ଏହାର ରକ୍ଷଣାବେକ୍ଷଣ ପାଇଁ ୨ ଲକ୍ଷ ୫୮ ହଜାର ୯୮୯ ଟଙ୍କାର ପ୍ରସ୍ତାବ ରହିଛି। ଏହା ପୂର୍ବରୁ ୨୨।୧।୨୦୨୦ରେ ୬ ଲକ୍ଷ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ମା' ବାସୁଳେଇ କନଷ୍ଟ୍ରକ୍ସନ, ଅମିତାଭ ପଲ ଓ ଆଶୁତୋଷ କନଷ୍ଟ୍ରକ୍ସନକୁ ଏହି ଅଯାଚିତ ଅନୁକମ୍ପା ପ୍ରଦର୍ଶନ କରାଯାଇଥିବା ରିପୋର୍ଟରୁ ସ୍ପଷ୍ଟ ହେଉଛି। ଏଭଳି ଭାବେ ରକ୍ଷଣାବେକ୍ଷଣ ନାମରେ ଉପରୋକ୍ତ ପରିମାଣର ଅର୍ଥ ଅଯଥା ଖର୍ଚ୍ଚ କରାଯାଉଥିବା ଅଭିଯୋଗ ହେଉଛି। ଏଠାରେ ଭଗୀରଥପୁର- କୁଜିବର ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। ଅଞ୍ଚଳବାସୀଙ୍କ କହିବା ଅନୁସାରେ ଏହି ରାସ୍ତାରେ ସଂପ୍ରତି ରକ୍ଷଣାବେକ୍ଷଣର ଆବଶ୍ୟକତା ନାହିଁ। କୌଣସି ସ୍ଥାନରେ ରାସ୍ତା କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳି ନାହିଁ। ଏହିକ୍ରମରେ ପୂର୍ବରୁ ରକ୍ଷଣାବେକ୍ଷଣ ନାମରେ କେଉଁ ବାଟରେ ଅର୍ଥ ଖର୍ଚ୍ଚ ହୋଇଥିଲା ଏବଂ ଖର୍ଚ୍ଚ କରିବାକୁ ପ୍ରସ୍ତାବ ଦିଆଯାଇଛି ବୋଲି ପ୍ରକାଶ ପାଇଛି।

# ଅନିୟମିତତାର ତଦନ୍ତ କଲେ ଏସ୍‌କ୍ୟୁଏମ୍ ଟିମ୍

**ଚଣ୍ଡିଖୋଲ,୨୬।୭(ଡି.ଏନ୍‌.ଏ.)**



ରାସ୍ତାକୁ ଖୋଳି ଅନିୟମିତତାର ତଦନ୍ତ କରାଯାଉଛି।

ବଡ଼ଚଣା ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ନିର୍ମାଣାଧୀନ ରାସ୍ତାଗୁଡ଼ିକରେ ବ୍ୟାପକ ଅନିୟମିତତା ହେବାରେ ଲାଗିଛି। ସେଥିମଧ୍ୟରୁ ବାଲିଚନ୍ଦ୍ରପୁର-ଦେକୁରୀ ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତା ଅଭିଯୋଗର ତଦନ୍ତ ସୋମବାର ରାଜ୍ୟ ଗୁଣବତ୍ତା ନିରୀକ୍ଷକ (ଏସ୍‌କ୍ୟୁଏମ୍) ଟିମ୍ ଦ୍ୱାରା କରାଯାଇଛି। ଟିମ୍‌ରେ ଥିବା ୨ ଯନ୍ତ୍ରୀ ମଧ୍ୟାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ରାସ୍ତା ଅନିୟମିତତା ପାଇଁ ଦାୟିତ୍ୱରେ ଥିବା ଚଣ୍ଡିଖୋଲ ଡିଭିଜନର ଯନ୍ତ୍ରୀମାନଙ୍କୁ ଦାୟୀ କରିଥିଲେ। ଫଳରେ ଯନ୍ତ୍ରୀ ଦ୍ୱୟ ରାସ୍ତା ଆରମ୍ଭରୁ ଶେଷ ଯାଏ ବିଭିନ୍ନ ସ୍ଥାନରେ ଖୋଳି ମାନ ନିରୀକ୍ଷଣ କରିଥିଲେ।

ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗର ଚଣ୍ଡିଖୋଲ ସବ୍‌ଡିଭିଜନ ଦ୍ୱାରା ବାଲିଚନ୍ଦ୍ରପୁରଠାରୁ ଦେକୁରୀ ପର୍ଯ୍ୟନ୍ତ ୧୧ କି.ମି. ଲମ୍ବ ଏହି ରାସ୍ତା ନିର୍ମାଣ ୨୦୧୮ ଏପ୍ରିଲରେ ୪.୧ କୋଟି ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିଲା। ଏକ ବର୍ଷ ମଧ୍ୟରେ ନିର୍ମାଣ ଶେଷ କରିବାକୁ ଠିକା ସଂସ୍ଥା ଚୁକ୍ତି କରିଥିଲା। ମାତ୍ର କାର୍ଯ୍ୟ ମନ୍ଥର ଯୋଗୁ ମାର୍ଚ୍ଚ ୨୦୨୦ରେ ନିର୍ମାଣ ଶେଷ ହୋଇଥିବାବେଳେ ନିମ୍ନମାନର ରାସ୍ତାକାମ ଅଭିଯୋଗ ହୋଇଥିଲା। କାରଣ ଦୁଇଥର ତିନିଶହ ମିଟର

**ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ**

ଗାଡଓ୍ୱାଲ ଭୁଶୁଡ଼ି ଯିବା ସହ ନିର୍ମାଣର ତିନିମାସ ପରେ ରାସ୍ତା ଶୋଚନୀୟ ହୋଇପଡ଼ିଥିଲା। ବାରମ୍ବାର ଅଭିଯୋଗ ପରେ ଠିକାସଂସ୍ଥା ପକ୍ଷରୁ ମରାମତି କରାଯାଇଥିଲା। ମାତ୍ର କିଛିଦିନ ପରେ ପୁଣି ରାସ୍ତାବସ୍ଥା ଶୋଚନୀୟ ହୋଇପଡ଼ିଛି। ଏଭଳି ସ୍ଥଳେ ଜୁଲାଇରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରାସ୍ତା ପରିଦର୍ଶନରେ ଆସି ଭାରିଯାନ ଓ ଟ୍ରାକ୍ଟର ଚଳାଚଳ ଯୋଗୁ ରାସ୍ତା ବିପର୍ଯ୍ୟସ୍ତ ହୋଇଥିବା କହିଥିଲେ। ଫଳରେ ନିର୍ବାହୀ ଯନ୍ତ୍ରୀ ଠିକାସଂସ୍ଥାକୁ ସୁରକ୍ଷା ଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଚାରିନଙ୍ଗଳ ନିକଟରେ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ରହିଛି। ସେହିପରି ବିଭିନ୍ନ ସ୍ଥାନରେ ରାସ୍ତାପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ଓ ଗଛ ରହିଥିବା ଯୋଗୁ ଭାରିଯାନ ଚଳାଚଳ ଅସମ୍ଭବ। ଲୋକଙ୍କ ଏହିକଥାକୁ ସୋମବାର ତଦନ୍ତ ସମୟରେ ଯନ୍ତ୍ରୀ ଦ୍ୱୟ ସ୍ୱୀକାର କରିଥିବା ଜଣାପଡ଼ିଛି।

ସୂଚନାଥାଉ କି ଏହି ରାସ୍ତା ଦୁରବସ୍ଥା ଓ ସରକାରୀ ଅର୍ଥ ଆତ୍ମସାତ୍ ନେଇ ବିକ୍ରମତିରଣ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ସର୍ବେଶ୍ୱର ସାମଲ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ବିଭାଗୀୟ ମୁଖ୍ୟଯନ୍ତ୍ରୀ, ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଫଳରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର ସଚିବ ଗତ ମେ ୫ ତାରିଖରେ ତଦନ୍ତ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଗତ ୮ ତାରିଖରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ତଦନ୍ତ ଦାୟିତ୍ୱ ଏସ୍‌କ୍ୟୁଏମ୍ ଇଂ ସୁକାନ୍ତ ବେହେରା ଓ ଇଂ ହିମାଂଶୁ କୁମାର ଆଚାର୍ଯ୍ୟଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ସୋମବାର ସେମାନେ ରାସ୍ତା ନିର୍ମାଣର ମାନ ଯାଞ୍ଚ କରିଥିବାବେଳେ କିଭଳି ରିପୋର୍ଟ ପ୍ରସ୍ତୁତ କରୁଛନ୍ତି ତା' ଉପରେ ସ୍ଥାନୀୟ ଲୋକଙ୍କ ନଜର ରହିଛି। ଏ ସମ୍ପର୍କରେ ତଦନ୍ତକାରୀ ଯନ୍ତ୍ରୀ ସୁକାନ୍ତ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ରାତି ପର୍ଯ୍ୟନ୍ତ ତଦନ୍ତ କରିଛୁ, ଖୁବ୍‌ଶୀଘ୍ର ବିଭାଗକୁ ରିପୋର୍ଟ ପ୍ରଦାନ କରାଯିବ।

# ଭଙ୍ଗା ଚାଳଘରେ ବିତୁଛି ଜୀବନ



ସିଂପଡ଼ା ବିଧବା ଶୁକୁରି ସିଂଙ୍କ ନୁଆଁଣିଆ ଚାଳ ଘର।

**ମହାକାଳପଡ଼ା,୨୬।୭ (ଡି.ଏନ୍‌.ଏ.)**

- ଆଦିବାସୀ ମହିଳାଙ୍କୁ ମିଳୁନି ଭତ୍ତା
- ପରଘରେ ମୂଲ ଲାଗିଲେ ପେଟକୁ ମିଳେ ଦାନା

କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ଯୋଜନା ତୃଣମୂଳସ୍ତରରେ ଅପହଞ୍ଚ ପାଲଟିଛି। ଏହା ଏକ ଆଦିବାସୀ ପରିବାରର ଦୁଃଖ ଦୁର୍ଦ୍ଦଶା। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ବଉଳକଣି ପଞ୍ଚାୟତ ଆଦିବାସୀ ବହୁଳ ଗାଁ ସିଂପଡ଼ାର ଶୁକୁରି ସିଂ(୬୫) ସ୍ୱାମୀ ଲକ୍ଷ୍ମଣ ଆଜକୁ ୨୦ବର୍ଷ ପୂର୍ବେ ଆରପାରିକୁ ଚାଲିଗଲେଣି। ବିଧବା ଶୁକୁରିଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି। ନା ମୁଣ୍ଡରେ ଅଛି ଛାତ ନା ପେଟକୁ ମିଳୁଛି ଭାତ। ନୁଆଁଣିଆ ଚାଳ ଘରେ ବିତୁଛି ଜୀବନ। ପର ଘରେ ମୂଲ ଲାଗିଲେ ପେଟକୁ ଗଣ୍ଡେ ଦାନା ଯାଉଛି। ଅସୁସ୍ଥ ହେଲେ ବୁଝିବାକୁ କେହି ନାହିଁ। ପୁଅ କାହ୍ନୁ ଘର ଛାଡ଼ି କୁଆଡେ ଯାଇଛନ୍ତି ଜଣାନାହିଁ। ବୋହୂ ମୁରୁନିର ତିନି ପୁଅ, ଦୁଇ ଝିଅ, ସବା ସାନ ଝିଅ ସୁଭଦ୍ରା ଅପପୁଷ୍ଟିର ଶିକାର ୨୦୧୭ ମେ ମାସରେ ହୋଇଥିଲେ। ଏହି ଖବର ପ୍ରଥମେ ଧରିତ୍ରୀରେ ପ୍ରକାଶ ପାଇବା ପରେ ତତ୍କାଳୀନ ଜିଲାପାଳ ରେଘୁ ଜୀ ଶୁକୁରି ଓ ମୁରୁନି ଘରେ ପହଞ୍ଚି ଦୁଃଖ ଦୁର୍ଦ୍ଦଶା ଶୁଣି ମର୍ମାହତ ଥିଲେ। ମୁରୁନି, ଝିଅ ସୁଭଦ୍ରା, ପୁଅ ଜଗା, ବଳିଆ, କାଳିଆକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ମାସେ କାଳ ଚିକିତ୍ସା ହୋଇ ସୁସ୍ଥ ହେବା ପରେ ପାଟୁଳୀପଙ୍କସ୍ଥିତ ଲୁଥରାନ୍ ମହିଳା ଥଇଥାନ କେନ୍ଦ୍ରରେ ରଖିଥିଲେ। ପିଲାଙ୍କୁ ଛାଡ଼ି ମୁରୁନି ଏହି ଥଇଥାନ କେନ୍ଦ୍ରରୁ ବର୍ଷେ ପୂର୍ବେ କେଉଁଠିକୁ ଯାଇଛନ୍ତି ତାଙ୍କ ଝିଅପୁଅ ଜାଣିନାହାନ୍ତି। କିଛି ମାସ ପୂର୍ବେ ବିବାଦ ଯୋଗୁ ଏହି ଥଇଥାନ କେନ୍ଦ୍ର ବନ୍ଦ ହୋଇଥିଲା। ପରେ ମୁରୁନିଙ୍କ ଝିଅପୁଅଙ୍କୁ କୋରୁଆସ୍ଥିତ ପଲ୍ଲୀଶ୍ରୀରେ ଅବସ୍ଥାପିତ କରାଯାଇଛି। ମୁରୁନିଙ୍କ ପତ୍ତା ମିଳୁ ନ ଥିବା ବେଳେ କାହା ପାଖରେ ତାଙ୍କର ଖବର ନାହିଁ। ମୁରୁନିଙ୍କ ଶାଶୁ ଶୁକୁରିଙ୍କ କହିବା କଥା ବର୍ଷେ ପୂର୍ବେ ସାନ ଝିଅ ସୁଭଦ୍ରାକୁ ଧରି ବୋହୂ ଘରେ ମାସେ ଥିଲା। ତାହା ପରେ ଆଶ୍ରମ କଥା କହି ଯାଇଛି ଏ ପର୍ଯ୍ୟନ୍ତ ଘରକୁ ଫେରି ନ ଥିବା ସେ କହିଛନ୍ତି। ଅପରପକ୍ଷେ ମା' ମୁରୁନିଙ୍କୁ ଚାହିଁ ବସିଛନ୍ତି ପଲ୍ଲୀଶ୍ରୀ ଥଇଥାନ କେନ୍ଦ୍ରରେ ଅବସ୍ଥାପିତ ଝିଅପୁଅମାନେ। ଏମାନଙ୍କ ଭବିଷ୍ୟତକୁ ନେଇ ସାଧାରଣରେ ଦୁଃଖ ପ୍ରକାଶ କରାଯିବା ସହ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଦାବି କରିଛନ୍ତି।

# ନିଯୁକ୍ତି ନାଁରେ ଠକେଇ

**ଯାଜପୁର ଅଫିସ,୨୬।୭**

**ଧର୍ମଶାଳା ଥାନାରେ ଅଭିଯୋଗ**

ଯାଜପୁର ଜିଲାରେ ବେକାରି ସମସ୍ୟାର ସୁଯୋଗ ନେଇ କେତେକ ବେସରକାରୀ ସଂସ୍ଥା ନିଯୁକ୍ତି ନାଁରେ ଯୁବତୀଯୁବକମାନଙ୍କୁ ଠକେଇ କରୁଛନ୍ତି। ଏନେଇ ଆନ୍ତଃରାଜ୍ୟ ର୍ୟାକେଟ୍ କାମ କରୁଛି, ଯାହାର ଲିଙ୍କ୍ ଯାଜପୁରରୁ ଉତ୍ତରପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଥିବା ଏକ ଅଭିଯୋଗରୁ ଜଣାପଡ଼ିଛି। ଯାଜପୁର ଜିଲାର ଧର୍ମଶାଳା ଥାନା ଚକ୍ରୋଡ଼ା ଗ୍ରାମର ୨ ଜଣ ଯୁବକ ଦୀପକ ରାଉତ ଏବଂ ଉମାକାନ୍ତ ଧଳ ଏଭଳି ଏକ ର୍ୟାକେଟ ଜାଲରେ ଫସିଛନ୍ତି। ଏହି ମର୍ମରେ ଦୀପକ ଓ ଉମାକାନ୍ତ ଧର୍ମଶାଳା ଥାନାରେ ଏକ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଗିରଫ କରି ନ୍ୟାୟ ପ୍ରଦାନ କରିବାକୁ ଲିଖିତ ଭାବେ ଅନୁରୋଧ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଅନ୍‌ଲାଇନରେ ବିଜ୍ଞାପନ ଦେଖି ଏକ ଅର୍ଥ ଲଗାଣକାରୀ ସଂସ୍ଥା କାବ୍ୟା ଭୂମି ସର୍ଭିସ୍ ପ୍ରାଇଭେଟ ଲିମିଟେଡ୍‌ରେ ଚାକିରି ପାଇଁ ଆବେଦନ କରିଥିଲେ। ୨୭।୩।୨୦୨୧ରେ କାମ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ହୋଇଥିଲା। ଏହାପରେ ଢେଙ୍କାନାଳରେ ଏକ ଭଡ଼ାଘର ନେଇ କମ୍ପାନୀରେ କାମ ଆରମ୍ଭ କରିଥିଲେ। ଉକ୍ତ କମ୍ପାନୀର ନିର୍ଦ୍ଦେଶକ୍ରମେ ଋଣ ପ୍ରଦାନ ନିମନ୍ତେ ପ୍ରୋସେସିଂ ଫି ବାବଦକୁ ସେମାନେ କେତେଜଣ ଲୋକଙ୍କଠାରୁ ୪୦୦୦ ଓ ୧୫୦୦୦ ଟଙ୍କା ଲେଖାଏ ଆଦାୟ କରି ଆଇଡିବିଆଇ ବ୍ୟାଙ୍କର ଜମାଖାତା ନଂ ୦୧୪୮୧୦୨୦୦୦୦୨୮୨୨୮ରେ ଜମା କରିଥିଲେ। ଏଭଳି କାମ ୪ ମାସ ଧରି କରିଥିଲେ ହେଁ ଦରମା କିମ୍ବା ଘରଭଡ଼ା ମିଳିଲା ନାହିଁ। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର କହିବା ପରେ ମଧ କିଛି ସୁଫଳ ନ ମିଳିବାରୁ ସେମାନେ ଚକ୍ରୋଡା ଗ୍ରାମକୁ ଫେରି ଆସିଥିଲେ। ୧।୭।୨୦୨୧ରେ ବିଶ୍ୱଜିତ ବେହେରା, ବିଜୟ କୁମାର ବେହେରା, ଅଶାନ୍ତି ନାୟକ ପ୍ରମୁଖ ତାଙ୍କ ଘରକୁ ଆସି ଟଙ୍କା ଫେରାଇ ଦେବାକୁ କହିଥିଲେ। ଏଭଳି ଠକେଇ ଘଟଣାରେ ଧର୍ମଶାଳା ଥାନା ପୋଲିସ ଏଯାଏ କୌଣସି ସହାୟତା କରିନାହିଁ ବୋଲି ଦୀପକ ଓ ଉମାକାନ୍ତ ପ୍ରକାଶ କରିଛନ୍ତି।

# କେନାଲ ନାହିଁ, ଜଳ କର ଧାର୍ଯ୍ୟ: ଗ୍ରାମବାସୀଙ୍କ ବିରୋଧ

**କେନ୍ଦ୍ରାପଡା ଅଫିସ, ୨୬।୭**

କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ଦୋବନ୍ଧା, ସୋବଳା, ପଚ୍ଛାମୁଣ୍ଡାଇ ତହସିଲ ଅନ୍ତର୍ଗତ ଚନ୍ଦନପୁର, ନୀଳକଣ୍ଠପୁର, ତମାଳଶାସନ, ଅରୁଆ, କେଶପୁର ଆଦି ଜମିକୁ ଏପର୍ଯ୍ୟନ୍ତ କେନାଲ ନାହିଁ। ତେବେ ରାଜସ୍ୱ ବିଭାଗ ଏହି ଅଞ୍ଚଳର ଅଧିବାସୀଙ୍କୁ ଜଳକର ଦେବାକୁ କହୁଛି। ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ଏଥିସହ କେନାଲ ଖନନ କରିବାକୁ ଏବଂ ଜଳକର ଉଚ୍ଛେଦ ଦାବି କରିଛନ୍ତି। ଏସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ରଞ୍ଜନ କୁମାର ସାହୁ, ପାରେଶ୍ୱର ସାମଲ, ଛତିଶ କୁମାର ପରିଡା ଓ ପ୍ରଫୁଲ୍ଲ କୁମାର ପରିଡା ପ୍ରମୁଖ କହିଛନ୍ତି ଯେ, ଏହି ମାମଲାର ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ହେବ। ସେମାନେ କହିଛନ୍ତି, ଦୀର୍ଘଦିନ ହେବ ରାଜସ୍ୱ ବିଭାଗ ପକ୍ଷରୁ ଏହି ଅଞ୍ଚଳର କ୍ଷେତକୁ ଜଳକର ଦେବା ପାଇଁ କର ଧାର୍ଯ୍ୟ ହୋଇଛି। ଏହାକୁ ନେଇ ଆପତ୍ତି ହେବାପରେ ୨୨ଜୁଲାଇ ୧୯୯୭ରେ ଚିଠି ନଂ. ୩୩୨୮୪ରେ ଜିଲାପାଳ ତଦନ୍ତ କରିବା ପାଇଁ ସୁପାରିସ ହୋଇଥିଲା। ସେହିବର୍ଷ ଅଗଷ୍ଟ୪ରେ ତତ୍କାଳୀନ ଜିଲାପାଳ ଚିଠି ନଂ. ୯୩୫୪ରେ ପଚ୍ଛାମୁଣ୍ଡାଇ ତହସିଲଦାରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଠିକ୍‌ଭାବେ ଯାଞ୍ଚ ନ ହେବାରୁ ୧୯୯୮ରେ ଉପରୋକ୍ତ ଗ୍ରାମବାସୀ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଅଦାଲତ କ୍ଷେତକୁ ଜଳସେଚନ ନ ହେବା ପର୍ଯ୍ୟନ୍ତ ଜଳକର ନ ନେବା ପାଇଁ ପରାମର୍ଶ ଦେଇଥିଲେ। ସେବେ ଠାରୁ ଗ୍ରାମବାସୀ କେବଳ ଖଜଣା ଦେଇ ଆସୁଛନ୍ତି। ଏବେ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ପ୍ରମାଣପତ୍ର ସଂଗ୍ରହ ସମୟରେ ରାଜସ୍ୱ ବିଭାଗ ବକେୟା ଜଳକର ଦାବି କରୁଛନ୍ତି। ଜଳକର ନ ଦେଲେ ଜାତି ଓ ଅନ୍ୟାନ୍ୟ ପ୍ରମାଣପତ୍ର ଯୋଗାଇ ଦିଆଯାଉନାହିଁ। ଯାହା ଅନ୍ୟାୟ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ଘଟଣା ସମ୍ପର୍କରେ ଅନୁଧ୍ୟାନ ହେବ। ତୁରନ୍ତ ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ ପରେ ଆବଶ୍ୟକ ପ୍ରମାଣପତ୍ର ଯୋଗାଇ ଦେବାକୁ ବ୍ୟବସ୍ଥା ହେବ। ଏଥିସହ ଜଳସେଚନ ସମସ୍ୟା ଦୂର ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# କଳିଙ୍ଗନଗର ଶିଳ୍ପାଞ୍ଚଳ: ଚାଲିଛି ମୁହଁ ବନ୍ଦ ଚର୍ଚ୍ଚା

**ଯାଜପୁର ଅଫିସ,୨୬।୭**

ରାଜ୍ୟରେ ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୧୦-୧୧ ଅନୁଯାୟୀ ଓଡ଼ିଶାର ବାର୍ଷିକ ଅଭିବୃଦ୍ଧି ହାରରେ ଶିଳ୍ପ କ୍ଷେତ୍ରର ଯୋଗଦାନ ୨୭.୮୨ ପ୍ରତିଶତ ରହିଥିଲା। ୨୦୨୦-୨୧ର ଅଗ୍ରିମ ଆକଳନ ଅନୁଯାୟୀ ରାଜ୍ୟର ଅଭିବୃଦ୍ଧି ହାରରେ ଶିଳ୍ପ କ୍ଷେତ୍ରର ଯୋଗଦାନ ୩୬.୨୬ ପ୍ରତିଶତ। ୨୦୧୦ରୁ ଜାନୁୟାରୀ ୨୦୨୧ ପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥାରେ ୬୪ଟି ବୃହତ୍ ଶିଳ୍ପ ପ୍ରତିଷ୍ଠା ହୋଇଛି। ଏଥିରେ ୬୪,୨୨୮.୦୩ କୋଟି ଟଙ୍କାର ପୁଞ୍ଜିନିବେଶ ଏବଂ ୪୧,୦୯୨ ନିଯୁକ୍ତି ଆକଳନ ହୋଇଥିଲା। ଗତ ବିଧାନସଭାରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ତଥ୍ୟ ଉପସ୍ଥାପନ କରିଥିଲେ। ତେବେ ଯାଜପୁର ଜିଲାରେ ଏହି ତଥ୍ୟର ସମ୍ପୂର୍ଣ୍ଣ ଓଲଟା ହୋଇଛି। ଗତ ୫ ବର୍ଷ ମଧ୍ୟରେ ଯାଜପୁର ଜିଲାର ଏକମାତ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିଃ ସମେତ ମୈଥାନ ଇସ୍ପାତ, କେଜେ ଇସ୍ପାତ, ରୋହିତ ଫେରୋଟେକ ଓ ମେସ୍କୋ ଷ୍ଟିଲ ଭଳି ବୃହତ୍ ଶିଳ୍ପ କାରଖାନା ବନ୍ଦ ପଡିଛି। ଏଥିପାଇଁ ପ୍ରାୟ ୨୫ ହଜାର ସ୍ଥାୟୀ କର୍ମଚାରୀଙ୍କ ସମେତ ଠିକା ଶ୍ରମିକ ନିଯୁକ୍ତି ହରାଇଛନ୍ତି।




ଯେଉଁ କେତେକ ଶିଳ୍ପସଂସ୍ଥା ଉତ୍ପାଦନକ୍ଷମ ରହିଛି ସେଥିରେ ଅଣଓଡ଼ିଆଙ୍କୁ ଅଧିକ ସୁଯୋଗ ଦିଆଯାଉଛି। ଏହା ବିରୋଧରେ ସ୍ୱର ଉତ୍ତୋଳନ ନ କରିବାକୁ କଳେବଳେ କୌଶଳେ ସ୍ଥାନୀୟ ନେତୃବର୍ଗଙ୍କ ମୁହଁ ବନ୍ଦ କରାଯାଉଥିବା ବିଭିନ୍ନ ସ୍ତରରେ ମତପ୍ରକାଶ ପାଇଛି।

କଳିଙ୍ଗନଗର ଶିଳ୍ପାଞ୍ଚଳକୁ ବଡ଼ବଡ଼ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରୁଥିଲେ ହେଁ ବିଭିନ୍ନ କାରଣ ଯୋଗୁ ସେମାନେ ପଛଘୁଞ୍ଚା ଦେଉଥିବା ସୂଚନା ମିଳିଛି। ଏହାବାଦ୍ ଓଏମ୍‌ସିର ମନମୁଖି କ୍ରୋମାଇଟ୍ ମୂଲ୍ୟ ବୃଦ୍ଧି ଯୋଗୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ କଞ୍ଚାମାଲ ଅଭାବରୁ ଉତ୍ପାଦନ ପ୍ରଭାବିତ ହେଉଛି। ଏନେଇ କଳିଙ୍ଗନଗର ଶିଳ୍ପ ସଂଘ ପକ୍ଷରୁ ପୂର୍ବରୁ ଏକାଧିକବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସାରିଛନ୍ତି। ତେଣୁ ଏହିସବୁର ଏକ ସ୍ଥାୟୀ ସମାଧାନ ନ ହେଲେ ଶିଳ୍ପ କାରଖାନା ଏଠାରେ ତିଷ୍ଠି ରହିବା ଅସମ୍ଭବ ବୋଲି ମତପ୍ରକାଶ ପାଉଛି। ମେସ୍କୋ ଗ୍ରୁପ ଦ୍ୱାରା ପରିଚାଳିତ ମୈଥାନ ଇସ୍ପାତ ଇତିମଧ୍ୟରେ ବିକ୍ରି ହୋଇସାରିଛି। ଏହି କାରଖାନାକୁ ଚଳାଇବାକୁ ନୂଆ ମାଲିକ କୁଆଡ଼େ ପ୍ରସ୍ତୁତି ଚଳାଇଛନ୍ତି। ତେବେ ଏହି କାରଖାନାର ପୁରୁଣା କର୍ମଚାରୀ ଓ ଶ୍ରମିକଙ୍କୁ ନ ଡାକି ରାଜ୍ୟ ତଥା ରାଜ୍ୟ ବାହାରୁ ଭିତିରିଆ ଭାବେ କେତେଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଜିଲାରେ ଏବେ ଚର୍ଚ୍ଚା ଜୋର ଧରିଛି। ସୋସିଆଲ ମିଡିଆରେ ମଧ ଏନେଇ ଅନେକ ଆଲୋଚନା ହେଉଛି। ଏହିକ୍ରମରେ କେହି ଯେପରି ମୁହଁ ନ ଖୋଲିବେ ସେଥିପାଇଁ ବିପୁଳ ଅର୍ଥ ବ୍ୟୟ ହେଉଥିବା କୁହାଯାଉଛି। ଅନ୍ୟପକ୍ଷେ ନୀଳାଚଳ ଇସ୍ପାତ ନିଗମ ଲିଃ ବିକ୍ରି ଅପେକ୍ଷାରେ ରହିଥିବାରୁ ସେ ନେଇ ମଧ ରାଜନୀତି ଜୋର ଧରିଛି। ଏଭଳି ଭାବେ ସ୍ଥାନୀୟ ନିଯୁକ୍ତିକୁ ସବୁକ୍ଷେତ୍ରରେ ଅବହେଳା କରାଯାଉଥିବା ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଶ୍ରମିକ ନେତା ବାବୁଲି ପୂର୍ତ୍ତି କୁହନ୍ତି, ଶିଳ୍ପପତିଙ୍କ ହାତବାରିସି ସାଜି କେତେଜଣ ନେତା ସ୍ଥାନୀୟ ଶ୍ରମିକଙ୍କ ପେଟରେ ଲାତ ମାରୁଛନ୍ତି। ଫଳରେ ସେମାନେ କାମ ପାଇଁ ବାରଦୁଆର ହେଉଛନ୍ତି। ପ୍ରଥମେ ପୁରୁଣା କର୍ମଚାରୀଙ୍କୁ ଥଇଥାନ କରାଯାଇ ପରେ ନୂଆ ନିଯୁକ୍ତି ଦେବା କଥା।

୧୯୯୦ରୁ ୨୦୧୦ ମଧ୍ୟରେ କଳିଙ୍ଗନଗର ଷ୍ଟିଲହବ୍ ଅତିକମ୍‌ରେ ୨୦ ନିୟୁତ ଟନ ଇସ୍ପାତ ଉତ୍ପାଦନ କରିବ ବୋଲି ରାଜ୍ୟ ସରକାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ହେଲେ ବିଡମ୍ବନା ଯେ, କଳିଙ୍ଗନଗର ଶିଳ୍ପ ପ୍ରତିଷ୍ଠାର ୨୬ ବର୍ଷ ମଧ୍ୟରେ କଳିଙ୍ଗନଗରରୁ ମାତ୍ର ୪ ନିୟୁତ ଟନ ଷ୍ଟିଲ୍ ଉତ୍ପାଦନ ହେଉଛି। ଟାଟା ଷ୍ଟିଲ ଓ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ କାରଖାନାର ସମ୍ପ୍ରସାରଣ ଚାଲିଛି। ହେଲେ ଏହି ୨ କାରଖାନାରେ ମଧ ଜନଶୁଣାଣି ଅନୁଯାୟୀ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି।

## ସଂକ୍ଷେପରେ

### ମାନବାଧିକାର ପରିଷଦର ବୈଠକ

ବୁଗୁଡ଼ା,୨୬।୭(ଡି.ଏନ.ଏ.):ବୁଗୁଡ଼ା ଅରବିନ୍ଦ ନଗର ଠାରେ ମାନବାଧିକାର ପରିଷଦ ପକ୍ଷରୁ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ନଗର ସଭାପତି ଟି.ସମୀର କୁମାର ସାମନ୍ତରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗଞ୍ଜାମ ଜିଲା ମାନବାଧିକାର ପରିଷଦର ସଭାପତି ସାଇ ପ୍ରସାଦ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମାନବାଧିକାର ପରିଷଦର ବୁଗୁଡା ବ୍ଲକ ସଭାପତି ଭାବେ ଗୀତାଞ୍ଜଳି ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ମାନବାଧିକାର କ୍ଷୁର୍ଣ୍ଣର ଶିକାର ହେଉଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ଆଇନଗତ ଦିଗ ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା।

### ଭାଜପାର ନୂତନ ମଣ୍ଡଳ ପ୍ରଭାରୀ ସମ୍ମିଳନୀ

ପୋଲସରା,୨୬।୭(ଡି.ଏନ.ଏ.): ପୋଲସରା ସହର ଦାଶରଥି ନଗର ସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ରବିବାର ନୂତନ ମଣ୍ଡଳ ପ୍ରଭାରୀ ସମ୍ମିଳନୀ ଘୁମୁସର ସାଙ୍ଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ୮ ନିର୍ବାଚନ ମଣ୍ଡଳୀ ଭଞ୍ଜନଗର, ସାନଖେମୁଣ୍ଡି, ଆସିକା, କବିସୂର୍ଯ୍ୟନଗର, ପୋଲସରା, ସୋରଡ଼ା, ଖଲ୍ଲିକୋଟ ଓ ହିଞ୍ଜିଳି ପ୍ରମୁଖ ନିର୍ବାଚନ ମଣ୍ଡଳୀର ୫୯ ନୂତନ ମଣ୍ଡଳ ପ୍ରଭାରୀ ଯୋଗ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ରଣକୌଶଳ ପ୍ରସ୍ତୁତ କରିବ ସେ ନେଇ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନର ରାଜ୍ୟ ସଂଯୋଜକ ମହେଶ ମହାନ୍ତି, ଖଲ୍ଲିକୋଟ କେନ୍ଦ୍ରର ନେତ୍ରୀ ଭାରତୀ ବେହେରା, ଯୁବମୋର୍ଚ୍ଚା ସଭାପତି ପ୍ରମୋଦ ପଣ୍ଡା, ଘୁମୁସର ସାଙ୍ଗଠନିକ ଜିଲା ଉପ ସଭାପତି ପ୍ରଭାକର ପଣ୍ଡା, ଏସ୍‌ସି ମୋର୍ଚ୍ଚା ଜିଲା ସଭାପତି ଇଂ.କବିରାଜ ବେହେରା, ଏସ୍‌ସି ରାଜ୍ୟ ସଂଯୋଜକ ଡକ୍ଟର କାଳୁ ଚରଣ ସେଠିଙ୍କ ସମେତ ବହୁ ଭାଜପା କର୍ମି ଉପସ୍ଥିତ ଥିଲେ।

### ତହସିଲ ଆଗରେ ଇସ୍‌କଫ୍‌ର ବିକ୍ଷୋଭ

ଦିଗପହଣ୍ଡି,୨୬।୭(ଡି.ଏନ.ଏ.):ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସ୍‌କଫ) ଅନୁଷ୍ଠାନ ପକ୍ଷରୁ ଆମେରିକାର ଏକଛତ୍ରବାଦ ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମାଜବାଦୀ ରାଷ୍ଟ୍ର କ୍ୟୁବା ଉପରେ ସାମ୍ରାଜ୍ୟବାଦୀ ଯୁକ୍ତରାଷ୍ଟ୍ର ଆମେରିକାର ହସ୍ତକ୍ଷେପକୁ ଇସକଫ ଗଞ୍ଜାମ ଜିଲା କମିଟି ତୀବ୍ର ନିନ୍ଦା କରିଥିଲା। ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, ବୟୋଜ୍ୟେଷ୍ଠ ଚାଷୀ ସଙ୍ଗଠକ ଶମ୍ଭୁ ପଣ୍ଡା, ସିପିଆଇ ବଡ଼ଖେମୁଣ୍ଡି ଜୋନାଲ ସମ୍ପାଦକ କିଶୋର କୁମାର ଶତପଥୀ, ତପନ କୁମାର ମିଶ୍ର ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ବିକ୍ଷୋଭରେ ସାମିଲ ଥିଲେ। କ୍ୟୁବା ବିପ୍ଲବ ଦିବସ ତଥା ମନକାଡୋ ଡେ' ଅବସରରେ ଇସକଫ ଅନୁଷ୍ଠାନର ଗଞ୍ଜାମ ଜିଲା ସଭାପତି ହରପ୍ରସାଦ ରଥଙ୍କ ନେତୃତ୍ୱରେ ଆୟୋଜିତ ଜିଲା ସ୍ତରୀୟ ପ୍ରତିବାଦ କାର୍ଯ୍ୟକ୍ରମରେ ଆମେରିକା ତୁରନ୍ତ କ୍ୟୁବା ଉପରୁ ଆର୍ଥିକ ପ୍ରତିବନ୍ଧକ ହଟାଇବା ସହ କ୍ୟୁବାର ଆଭ୍ୟନ୍ତରୀଣ ମାମଲାରୁ ଦୂରେଇ ରହିବାକୁ ଦାବି କରାଯାଇଛି। ବିପ୍ଲବ ପମାଧମରେ ରାଷ୍ଟ୍ର ମୁଖ୍ୟ ଫିଡେଲ କାଷ୍ଟ୍ରୋ କ୍ୟୁବାର ନେତୃତ୍ୱ ନେବା ପରଠାରୁ ଆଜି ଯାଏ 'ଇସକଫ' ସମାଜବାଦୀ କ୍ୟୁବା ସହ ଯେଉଁଭଳି ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରକ୍ଷା କରି ଆସୁଥିଲା ତାହାକୁ ବଜାୟ ରଖିବା ସହ ପୂର୍ବଭଳି କ୍ୟୁବାବାସୀଙ୍କ ସହ ରହିଥିବା ସ୍ପଷ୍ଟ କରିଛି। ଆମେରିକା କ୍ୟୁବା ବିରୋଧରେ ଜାରି ରଖିଥିବା ଅର୍ଥନୈତିକ ଏବଂ ଅପରାଧିକ ଘେରାବନ୍ଦୀ ପ୍ରତ୍ୟାହାର କରିବାକୁ ଇସକଫ ପକ୍ଷରୁ ଏକ ସ୍ମାରକପତ୍ର ଦିଲ୍ଲୀ ଠାରେ ଅବସ୍ଥାପିତ ଆମେରିକୀୟ ଦୂତାବାସକୁ ପ୍ରେରଣ କରାଯାଇଛି।

### ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଲି

କାଶୀନଗର,୨୬।୭(ଡି.ଏନ.ଏ.): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କିଷ୍ଟ) କାଶୀନଗର ଆଞ୍ଚଳିକ କମିଟି ତରଫରୁ ସୋମବାର ଏକ ଅଭିଯାନ ଆରମ୍ଭ ହୋଇଛି। ସମାଜବାଦୀ କ୍ୟୁବା ବିରୋଧରେ ସାମ୍ରାଜ୍ୟବାଦୀ ଆମେରିକା ଅର୍ଥନୈତିକ ଅବରୋଧ ଚକ୍ରାନ୍ତକୁ ପଣ୍ଡ କରିବା ପାଇଁ ଯୁବ ବର୍ଗ ଓ ସାଧାରଣ ଜନତାଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ କାଶୀନଗର ଆଞ୍ଚଳିକ କମିଟିର ସମ୍ପାଦକ କାର୍ତ୍ତିକ ଶବରଙ୍କ ନେତୃତ୍ୱରେ ଏକ ରାଲି କରାଯାଇଛି। ଏଥିରେ ନାଗେଶ୍ୱର ଶବର, ଡିୱାଇଏଫର ଥୋମାସ ଶବର, ଆଦିବାସୀ ଅଧିକାର ମଞ୍ଚ ମଧ ସାମିଲ ଥିଲେ। ଏହା ଦେଶ ଓ ରାଜ୍ୟ ବ୍ୟାପୀ ମଧ ଅନୁଷ୍ଠିତ ହେଉଥିବା କାର୍ତ୍ତିକ ଶବର କହିଛନ୍ତି।

# ଭବିଷ୍ୟତ ଅନ୍ଧାରରେ, ଜିଲାପାଳଙ୍କୁ ଭେଟି ଫେରାଦ

## ସମବାୟ ସମିତି ଡାଟା ଏଣ୍ଟ୍ରି ଅପରେଟର

ନୟାଗଡ଼ ଅଫିସ,୨୬।୭

ନୟାଗଡ଼ ଜିଲା ସମବାୟ ସମିତିରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟରଙ୍କ ଭବିଷ୍ୟତ ଅନ୍ଧାରରେ। ଏଣୁ ଏ ନେଇ ଜିଲାର ଡାଟା ଏଣ୍ଟ୍ରି ଅପରେଟରମାନେ ସୋମବାର ଜିଲାପାଳଙ୍କୁ ଭେଟି ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁସାରେ, ଜିଲାର ୧୫୭ ଗୋଟି ପ୍ରାଥମିକ ସେବା ସମବାୟ ସମିତିରେ ୧୦୦ରୁ ଊର୍ଦ୍ଧ୍ୱ ଡାଟା ଏଣ୍ଟ୍ରି ଅପରେଟର ପ୍ୟାକ୍ସରେ ଆଜକୁ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରି ଆସୁଛନ୍ତି। ସମିତିର ପରିଚାଳନା ପରିଷଦ ଦ୍ୱାରା ଏମାନେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଛନ୍ତି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ୟାକ୍ସ କମ୍ପ୍ୟୁଟରୀକରଣ, ଧାନଚାଷୀଙ୍କ ନାମ ପଞ୍ଜୀକରଣ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଧାନ କ୍ରୟ, ସାର କାରବାର ତଥା ଋଣ କାରବାର ଆଦି ସମସ୍ତ ପ୍ରକାରର କାର୍ଯ୍ୟ ଏମାନେ କରୁଛନ୍ତି। ତେବେ ଏମାନଙ୍କୁ ନିୟମିତ ନିଯୁକ୍ତି ମିଳିନାହିଁ। ମାସିକ ୪୦୦୦ ଟଙ୍କାରେ କଟୁଛି ଜୀବନ।

ସମବାୟ ସମିତିଗୁଡିକ ସରକାରଙ୍କର ୫-ଟିର ଅନ୍ତର୍ଭୁକ୍ତ। ଏହି ପରିପ୍ରେକ୍ଷୀରେ ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ସହ-ସମ୍ପାଦକ ପଦବୀ ଅନୁଯାୟୀ କାର୍ଯ୍ୟ କରିବା ସହ ଉକ୍ତ ପଦବୀ ବାବଦ ମାସିକ ଦରମା ଦେବା ପାଇଁ ନିବନ୍ଧକ, ସମବାୟ ସମିତି ସମୂହଙ୍କ ନିର୍ଦ୍ଦେଶ ରହିଛି। ନିବନ୍ଧକ, ସମବାୟ ସମିତି ସମୂହଙ୍କ ପତ୍ର ନଂ.୨୧୨୪୨/୨୬।୯।୧୯ ପ୍ରକାରେ ସମସ୍ତ ଜିଲାର ଉପନିବନ୍ଧକ ଓ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହମାନଙ୍କୁ ସେକ୍ସନ ୩୩ ଏ ଅଫ୍ ଓସିଏସ୍ ଆକ୍ଟ ୧୯୬୨ ପ୍ରକାରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଚିଠିକୁ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ ନୟାଗଡ଼ ମଣ୍ଡଳ, ନୟାଗଡ଼ ତାଙ୍କ ପରିପତ୍ର ନଂ.୧୮୮୪/୧୭।୧୦।୧୯ ପ୍ରକାରେ ଜିଲାର ସମସ୍ତ ସମ୍ପାଦକମାନଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିଥିଲେ। ହେଲେ ଏ ଆଦେଶ କାର୍ଯ୍ୟକାରୀ ନ ହୋଇ ପଡ଼ିରହିଛି। ଅନ୍ୟପକ୍ଷେ ନୟାଗଡ଼ ଜିଲା ପ୍ୟାକ୍ସ ଡାଟା ଏଣ୍ଟ୍ରି ୟୁନିୟନ ପକ୍ଷରୁ ଶ୍ରମ ବିଭାଗ ଦ୍ୱାରା ଦୈନିକ ଭତ୍ତା ପାଉ ନ ଥିବାରୁ ନିବନ୍ଧକ, ସମବାୟ ସମିତି ସମୂହ, ଓଡ଼ିଶା ଭୁବନେଶ୍ୱରଙ୍କୁ ଚିଠି ଲେଖିଥିଲେ। ପ୍ରତି ଉତ୍ତରରେ ନିବନ୍ଧକ, ସମବାୟ ସମିତି ସମୂହ, ଓଡ଼ିଶା ତାଙ୍କ ପତ୍ର ନଂ.୯୩୧୬/୨୪।୬।୨୦୨୧ପ୍ରକାରେ ସମସ୍ତ ଜିଲାର ଉପନିବନ୍ଧକ ଓ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହମାନଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିଥିଲେ। ଏ ଦିଗରେ ମଧ ପଦକ୍ଷେପ ନାହିଁ। ବଲାଙ୍ଗିର, କେନ୍ଦୁଝର ଆଦି ଜିଲାରେ ଶ୍ରମ ବିଭାଗଙ୍କ ଦ୍ୱାରା ପ୍ରଦତ୍ତ ପତ୍ର ମୁତାବକ ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ମାସିକ ଦରମା ଦିଆଯାଉଥିଲେ ମଧ ନୟାଗଡ଼ ଜିଲାରେ କାହିଁକି କାର୍ଯ୍ୟକାରୀ ହେଉନାହିଁ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଆବାହକ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହସମ୍ପାଦକ ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ ଓ ଉପଦେଷ୍ଟା ଲକ୍ଷ୍ମଣ ମଲ୍ଲ ନୟାଗଡ଼ ଜିଲା ପ୍ୟାକ୍ସ ଡାଟା ଏଣ୍ଟ୍ରି ଅପରେଟର ସଙ୍ଘର ସଭାପତି ବାମନ ଚନ୍ଦ୍ର ରାଜ, ସମ୍ପାଦକ ସୁବ୍ରତ କୁମାର ପ୍ରଧାନ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ସ୍ମାରକପତ୍ର ଦେଇଥିଲେ। ଏ ସଂକ୍ରାନ୍ତରେ ଜିଲାପାଳ ତଥା ଯୁଗ୍ମ ନିବନ୍ଧକ, ସମବାୟ ସମିତି ସମୂହ, ନୟାଗଡ଼ ଏହାର କାର୍ଯ୍ୟକାରିତାକୁ ନେଇ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ। ଏହାର ଅବିକଳ ନକଲ ଜିଲା ଶ୍ରମ ବିଭାଗ ଓ ଉପନିବନ୍ଧକ, ସମବାୟ ସମିତି ସମୂହ, ପୁରୀଙ୍କୁ ଅବଗତ କରାଯାଇଛି।

# ମୃତ୍ତିକା ସଂରକ୍ଷଣ, ଜଳବିଭାଜିକା ନିର୍ଦ୍ଦେଶକଙ୍କ ସମୀକ୍ଷା




ସମୀକ୍ଷା ବୈଠକରେ ଆଲୋଚନା ଚାଲିଛି।

ପାରଳାଖେମୁଣ୍ଡି,୨୬।୭(ଡି.ଏନ୍.ଏ.)

ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ବିଭାଗ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଶନିବାର ଓ ରବିବାର ଗଜପତି ଜିଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ସେ ରାୟଗଡ଼ା ବ୍ଲକ କିନୋଡ଼ା ଗ୍ରାମ ସାରଥି ଶବରଙ୍କ ଜମିରେ ହୋଇଥିବା କ୍ଷେତ ପୋଖରୀ ପରିଦର୍ଶନ କରିଥିଲେ। ସମନ୍ୱିତ କୃଷି ପ୍ରଣାଳୀ ଯଥା ମାଛଚାଷ, ପନିପରିବା ଚାଷ, ପୋଖରୀ ହୁଡ଼ାରେ ସପୁରି, କଦଳୀ, ଅମୃତଭଣ୍ଡା, ନଡ଼ିଆ, ସଜନା, ଲେମ୍ବୁ ଆଦି ଚାଷକରି ଲାଭବାନ୍ ହୋଇପାରିଥିବା ଶବରଙ୍କ ସହ ଆଲୋଚନା କରି ତାଙ୍କ ଆୟକୁ କିପରି ବହୁଗୁଣିତ କରିପାରିବେ, ସେଥିପାଇଁ ପରାମର୍ଶ ଦେଇଥିଲେ। ଏଥିସହିତ ଉକ୍ତ କାର୍ଯ୍ୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିବା ଧରିତ୍ରୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ପ୍ରଶଂସା କରିଥିଲେ। ଉକ୍ତ ବ୍ଲକରେ ଅନ୍ୟ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିବା ସହିତ ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ଗସ୍ତର ଅନ୍ତିମ ଦିନରେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ସାକ୍ଷାତ ସମୟରେ ଜଳ ବିଭାଜିକା ନିର୍ଦ୍ଦେଶକ ବିଭାଗ ଦ୍ୱାରା ନିଆଯାଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର କ୍ଷେତ ପୋଖରୀ କାର୍ଯ୍ୟକ୍ରମ ସହ ଅନ୍ୟାନ୍ୟ ଯୋଜନା ବିଷୟରେ ଆଲୋଚନା କରିଥିଲେ।

# ସମବାୟ ସମିତି ସୁବିଧାରୁ ବଞ୍ଚିତ ୫ ଗ୍ରାମବାସୀ



ଉପସ୍ଥିତ ଗ୍ରାମ ମୁଖିଆ ଓ ଚାଷୀ।

ଗଞ୍ଜାମ,୨୬।୭(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଲୁଙ୍ଗୁରୀ ସମବାୟ ସମିତି ଅଧୀନରେ ଥିବା ଲୁଙ୍ଗୁରୀ, କାଠଗଡା, ପାଣିବନ୍ଧ, କୁଶପଲ୍ଲୀ ଆଦି ୫ ଗ୍ରାମର ଚାଷୀ ଦୀର୍ଘ ୫ ବର୍ଷ ହେଲା ସୋସାଇଟିର ବିଭିନ୍ନ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏସବୁ ଗାଁର ଚାଷୀ ସୋସାଇଟରୁ ଋଣ ନ ପାଇ ସାହୁକାରଙ୍କ ଠାରୁ ଋଣ ଆଣି ଅଧିକ ସୁଧ ଗଣଛନ୍ତି। ଏପରିକି ଋଣ, ସାର, ବିହନ ଆଦି ପାଇପାରୁ ନ ଥିବା ଅଭିଯୋଗ ହେଉଛି। ରବିବାର ପାଣିବନ୍ଧ ତ୍ରିନାଥ ମନ୍ଦିରରେ ୫ ଖଣ୍ଡ ଗ୍ରାମର ମୁଖିଆମାନଙ୍କ ସହ ଚାଷୀକୁଳ ଏକତ୍ରିତ ହୋଇ ସମବାୟ ସମିତିଟି କିପରି କାର୍ଯ୍ୟକ୍ଷମ ହୋଇ ଚାଷୀ କୂଳ ସରକାରଙ୍କ ସମସ୍ତ ସୁବିଧା କିପରି ପାଇପାରିବେ ସେ ନେଇ ଆଲୋଚନା ହୋଇଥିଲା। ଆଗାମୀ କିଛିଦିନ ମଧ୍ୟରେ ୫ ଖଣ୍ଡ ଗ୍ରାମବାସୀ ଜିଲା ପ୍ରଶାସନ, ସ୍ଥାନୀୟ ବିଧାୟକ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସମସ୍ୟା ସମାଧାନ ନ ହେଲେ ୫ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଲୁଙ୍ଗୁରୀ ଗ୍ରାମ୍ୟ ସଭାପତି କବିରାଜ ସ୍ୱାଇଁ, ସମ୍ପାଦକ ପ୍ରକାଶ ସାହୁ, ପାଣିବନ୍ଧ ଗ୍ରାମ୍ୟ ସଭାପତି ଦୁର୍ଯ୍ୟୋଧନ ସାହୁ, ସମ୍ପାଦକ ପ୍ରକାଶ ସାହୁ, କୁଶପଲ୍ଲୀ ଗ୍ରାମ୍ୟ ସଭାପତି ବଟକୃଷ୍ଣ ବିଶ୍ୱାଳ, ସମ୍ପାଦକ ବନମାଳୀ ତରାଇ, କାଠଗଡା ଗ୍ରାମ୍ୟ ସଭାପତି ବି.ଅର୍ଜୁନ ପାତ୍ର, ଚୈତନ୍ୟପୁର ଗ୍ରାମ୍ୟ ସଭାପତି କବିରାଜ ନାହାକ, ସମ୍ପାଦକ ଗୋପାଳ ସାହୁ, ସ୍ଥାନୀୟ ଯୁବନେତା ଲିଙ୍ଗରାଜ ମହାପାତ୍ର ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ସ୍କୁଲରୁ ଫ୍ୟାନ୍, ମୋଟର ପମ୍ପ ଚୋରି, ୪ ଗିରଫ

ବୁଗୁଡ଼ା,୨୬।୭ (ଡି.ଏନ.ଏ.)

ବୁଗୁଡ଼ା ଥାନା ଡାକରାବାଡ଼ି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଫ୍ୟାନ ଓ ମୋଟର ପମ୍ପ ଚୋରି ଅଭିଯୋଗରେ ପୋଲିସ ସୋମବାର ୪ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ନିମପଦର ଗ୍ରାମର ରୋହିତ ଘଡ଼େଇ, ଡାକରାବାଡ଼ି ଗ୍ରାମର ନିରଞ୍ଜନ ବିଶ୍ୱାଳ, ଜିତୁ ପ୍ରଧାନ, ଏରକାଇଲୁ ସ୍ୱାଇଁ। ଏ ନେଇ ବୁଗୁଡ଼ା ପୋଲିସ ନଂ. ୩୬୯/୨୧ରେ ଏକ ମାମଲା ରୁଜୁ କରିଛି। ବୁଗୁଡ଼ା ଥାନା ଡ଼ାକରାବାଡ଼ି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଗତ ୧୪ ତାରିଖ ରାତିରେ ନିରଞ୍ଜନ, ଜିତୁ ଓ ରୋହିତ ମିଶି ୪ଟି ଫ୍ୟାନ୍ ସହ ଏକ ମୋଟର ପମ୍ପ ଚୋରି କରିଥିଲେ। ସେମାନେ ମୋଟର ପମ୍ପଟିକୁ ଚୋରାଇ ନେଇ ଏରକାଇଲୁ ସ୍ୱାଇଁଙ୍କୁ ବିକ୍ରୟ କରିଥିବା ବେଳେ ଅନ୍ୟ ୪ଟି ଫ୍ୟାନ ବିକ୍ରୟ କରିବା ସକାଶେ ଉଦ୍ୟମ ଜାରି ରଖିଥିଲେ। ତେବେ ଡ଼ାକରାବାଡ଼ି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ପାତ୍ର ଏନେଇ ୧୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ସ୍ଥାନୀୟ ପୋଲିସ ତଦନ୍ତ କରି ସମସ୍ତ ସାମଗ୍ରୀ ଜବତ କରି ସେମାନଙ୍କୁ ଗିରଫ କରିଥିଲା।

# ବୁଗୁଡ଼ା ଅଦାଲତର ୧୧ତମ ପ୍ରତିଷ୍ଠା ଦିବସ

ବୁଗୁଡ଼ା,୨୬।୭(ଡି.ଏନ.ଏ.)

ବୁଗୁଡ଼ା ଅଦାଲତର ୧୧ତମ ପ୍ରତିଷ୍ଠା ଦିବସ କୋର୍ଟ ପରିସରରେ ଶନିବାର ପାଳିତ ହୋଇଯାଇଛି। କୋର୍ଟରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବାର୍ ଆସୋସିଏଶନ ସଭାପତି ହର ପ୍ରସାଦ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମାଜିଷ୍ଟ୍ରେଟ ସୋନାଲି ଅପରାଜିତା ଶୁଭାରମ୍ଭ କରିଥିଲେ। ପୂର୍ବତନ ବିଧାୟକ ସୀମାଞ୍ଚଳ ବେହେରା, ଡ.ବ୍ରଜ କିଶୋର ପାଢ଼ୀ, ଗଞ୍ଜାମ ବାର୍ ଆସୋସିଏଶନ ସଭାପତି ଜନାର୍ଦ୍ଦନ ସୁବୁଦ୍ଧି, ଉପସଭାପତି ବି.ଭାଗୀରଥି ରାଓ, ସମ୍ପାଦକ ପ୍ରଦୀପ ବେହେରା, ସହସମ୍ପାଦକ ସୁଧୀର କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବ୍ରହ୍ମପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଓ ଏୟାରପୋର୍ଟ ସ୍ଥାପନ ପାଇଁ ସମସ୍ତେ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗଞ୍ଜାମ ଓକିଲ ସଂଘ କର୍ମକର୍ତ୍ତାଙ୍କ ସମେତ ବୁଗୁଡ଼ା ବାର୍‌ର ସଦସ୍ୟ କାହ୍ନୁ ବୈକୁଣ୍ଠ ବିହାରୀ, ରଞ୍ଜନ କୁମାର ଦାଶ ଓ ସତ୍ୟ ନାରାୟଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓକିଲ ସଂଘ ସମ୍ପାଦକ ସୁଶାନ୍ତ ଡାକୁଆ, କୋଷାଧକ୍ଷ ମାନସ ଦାଶ, କାର୍ଯ୍ୟକାରୀ ସଭ୍ୟ ଅନିଲ ପଟ୍ଟନାୟକ, ମନୋଜ କୁମାର ପାଣିଗ୍ରାହୀ, ନଟବର ଜେନା, ସରୋଜ କୁମାର ସାହୁ, ଲୋକନାଥ ବେହେରା, ପ୍ରକାଶ ଚନ୍ଦ୍ର ଭୂୟାଁ, ସୁଦର୍ଶନ ପାତ୍ର, ସଂକଳ୍ପ ବିକାଶ ମହାନ୍ତି, ଶ୍ୟାମ ସୁନ୍ଦର ବିଷୋୟୀ, ବିନୋଦ ଡାକୁଆ, ଯୁ.ଅରବିନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସମସ୍ତ ଜିଲା ସୈନିକ ବୋର୍ଡରେ ଅଧିକାରୀ ଅଭାବ

## ଓଡ଼ିଶା ରାଜ୍ୟ ଭୂତପୂର୍ବ ସୈନିକ ସଂଘର ଜରୁରୀ ବୈଠକ

### ସ୍ୱାସ୍ଥ୍ୟ ସେବା ନିମନ୍ତେ ଅତ୍ୟାଧୁନିକ ହସ୍ପିଟାଲ ସୁବିଧା ଦାବି

ଭୁବନେଶ୍ୱର, ୨୬।୭ (ବ୍ୟୁରୋ)

ରାଜ୍ୟରେ ଥିବା ହଜାର ହଜାର ଭୂତପୂର୍ବ ସେନାନୀ ଓ ବୀର ନାରୀମାନେ ନାନା ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ଚରମ ଉଦାସୀନତା ଦେଖାଦେଇଛି। ରବିବାର ରାଜ୍ୟ ସଂଘ ସଭାପତି ବ୍ରିଗେଡିଅର ବରଦା ପ୍ରସନ ପଟ୍ଟନାୟକଙ୍କ ଭର୍ଚୁଆଲ ମିଟିଂ ମାଧ୍ୟମରେ ଆୟୋଜିତ ଜରୁରୀ ମାସିକ ବୈଠକରେ ଏ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ରାଜ୍ୟରେ ଥିବା ସମସ୍ତ ଜିଲା ସୈନିକ ବୋର୍ଡରେ କୌଣସି ଅଧିକୃତ ଅଧିକାରୀଙ୍କ ପଦବୀ ବର୍ଷ ବର୍ଷ ଧରି ଖାଲିପଡିଛି। ଫଳରେ ସବୁ କାର୍ଯ୍ୟାଳୟ କେବଳ ଜଣେ ଦି' ଜଣ କିରାଣି କିମ୍ବା ଚୌକିଦାରଙ୍କ ଦ୍ୱାରା ସଞ୍ଚାଳିତ ହେଉଥିବା ଜଣାଯାଇଛି। ଏକ ରକମ ଏସବୁ ଅଫିସ ସ୍ଥାଣୁ ପାଲଟିଥିବା ସମ୍ପର୍କରେ ଲ୍ୟୁଟ୍‌ନାଣ୍ଟ ବନ ବିହାରୀ ମିଶ୍ର ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିସ୍ଥଳେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ୬୦/୪୦ ଭାଗ ଭାଗୀଦାରିକୁ ରାଜ୍ୟ ସରକାର ଭୂତପୂର୍ବ ସୈନିକ ଓ ସେମାନଙ୍କ ପରିବାରଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ମତ ପ୍ରକାଶ ପାଇଥିଲା। ଏହାସହ ଭୂତପୂର୍ବ ସୈନିକ ଓ ସେମାନଙ୍କ ପରିବାରଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଇସିଏଚ୍‌ଏସ୍ ଦ୍ୱାରା ଅତ୍ୟାଧୁନିକ ହସ୍ପିଟାଲ ସହିତ ସହ ବନ୍ଧିତ କରିବାକୁ ମଧ ଦାବି ଉପସ୍ଥାପନ ହୋଇଥିଲା। କଟକରେ ଅନ୍ୟ ଏକ କ୍ୟାଣ୍ଟିନ ସୁବିଧା ସମ୍ପ୍ରସାରଣ କରିବାକୁ ମତପ୍ରକାଶ ପାଇଥିଲା। ଏ ସମ୍ପର୍କରେ ରାଜ୍ୟ ସଂଘ ରାଜ୍ୟ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଗୃହ ବିଭାଗକୁ ଚିଠି ମାଧ୍ୟମରେ ଯୋଗାଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାସହ ଇସିଏଚ୍‌ଏସ୍ ପ୍ରଶାସନିକ ଅଧିକାରୀ ଓ କଲୋନେଲ ଭେଟେରାନଙ୍କ ସହିତ ସମସ୍ତ ଅସୁବିଧା ସମ୍ପର୍କରେ ରାଜ୍ୟ ସଂଘର ଏକ ପ୍ରତିନିଧି ଦଳ ଆଲୋଚନା କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ଡ. ଲ୍ୟୁଟ୍‌ନାଣ୍ଟ କଲୋନେଲ ଲୋକନାଥ ସାହୁ, ବରିଷ୍ଠ ଉପସଭାପତି ୱିଙ୍ଗ କମାଣ୍ଡର ନନ୍ଦ କିଶୋର ସାମଲ, କଲୋନେଲ ପ୍ରଶାନ୍ତ ସିଂହ, ଲ୍ୟୁଟନାଣ୍ଟ ମିଶ୍ର, ସୁବେଦାର ମେଜର ପି.କେ. ଦାସ, ସୁବେଦାର ଜି.ସି. ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ପ୍ରାୟ ୩୦ ଜଣ ଏଥିରେ ଭାଗ ନେଇଥିଲେ।

# ବିଭିନ୍ନ ସ୍ଥାନରେ କାର୍‌ଗିଲ୍ ବିଜୟ ଦିବସ

କୁକୁଡ଼ାଖଣ୍ଡି/ଆସିକା/ ବୁଗୁଡ଼ା,୨୬।୭(ଡି.ଏନ୍.ଏ.)

ବ୍ରହ୍ମପୁର ସହର ଉପକଣ୍ଠ ଜଗଦଳପୁର ଗ୍ରାମରେ ସୋମବାର କାରଗିଲ ବିଜୟ ଦିବସ ପାଳନ ହୋଇଯାଇଛି। କାରଗିଲ ଯୁଦ୍ଧରେ ଏହି ଗ୍ରାମର ବୀର ପୁରୁଷ ଏସ.ଶ୍ରୀନିବାସ ପାତ୍ର ଦେଶ ପାଇଁ ଲଢ଼ି ଶହୀଦ ହୋଇଥିଲେ। ତେଣୁ ଏହିଦିବସରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ସମସ୍ତେ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ କୁକୁଡ଼ାଖଣ୍ଡି ବିଡିଓ ଗଦାଧର ପାତ୍ର, ତହସିଲଦାର କଲ୍ୟାଣୀ ସଂଘମିତ୍ରା, ସଦର ଥାନାଧିକାରୀ ମହେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବୀର ଯବାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଆସିକା ଏନଏସିର ତାଲୁକା ଛକଠାରେ ଯୁବ ଛାତ୍ର ସଂଗଠନ ପକ୍ଷରୁ କାରଗିଲ ବିଜୟ ଦିବସ ପାଳନ କରାଯାଇଛି। ଏହି ଅବସରରେ କାରଗିଲ ଯୁଦ୍ଧରେ ଶହୀଦ ଉମାକାନ୍ତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ସୁନିଲ ମୁନୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ସୁମନ, ମଣ୍ଟୁ ସେଠି, ମହାପ୍ରସାଦ ପାଢୀ, ରୋଶନ ମହାନ୍ତି, ଶିବ ସ୍ୱାଇଁଙ୍କ ସମେତ ବହୁ ଯୁବକ ସାମିଲ ଥିଲେ। ସେହିପରି ବୁଗୁଡ଼ା କାରଗିଲ୍ ଶହୀଦ ସ୍ମୃତି ପୀଠରେ ସେବା ନିବୃତ୍ତ ସୈନିକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସଭାପତି ସୂର୍ଯ୍ୟ ନାରାୟଣ ଦାଶଙ୍କ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବୁଗୁଡ଼ା ଥାନାଧିକାରୀ ଚିତ୍ତ ରଞ୍ଜନ ବେହେରା ଯୋଗଦେଇ ସୈନିକଙ୍କ ଅମର ଆତ୍ମାର ସଦ୍‌ଗତି ନୀରବ ପ୍ରାର୍ଥନା ସହ ସ୍ମୃତିଚାରଣ କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଲା ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର



ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର ପ୍ରଦାନ।

ରାମଗିରି,୨୬।୭(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୋମବାର ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ୫ ଲିଟରର ଏକ ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର ପ୍ରଦାନ କରାଯାଇଛି। ପୂର୍ବରୁ ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର ନ ଥିବାରୁ ବ୍ଲକର ୯ ପଞ୍ଚାୟତ ଓ ପଡ଼ୋଶୀ ରାୟଗଡ଼ ବ୍ଲକର ଗୁରୁତର ରୋଗୀଙ୍କୁ ଅକ୍ସିଜେନ୍ ପାଇଁ ଜିଲା ସଦର ମହକୁମାକୁ ଯିବାକୁ ପଡୁଥିଲା। ଏବେ ଗ୍ରାମାଞ୍ଚଳର ଗୁରୁତର ରୋଗୀ ଏହି ସମସ୍ୟାର ସମ୍ମୁଖୀନ ହେବେ ନାହିଁ ବୋଲି ଗଜପତି ଓ ଗଞ୍ଜାମ ଜିଲା ବନବାସି କଲ୍ୟାଣ ଆଶ୍ରମର ସଂଯୋଜକ ପିତବାସ ପଣ୍ଡା କହିଛନ୍ତି। ଉକ୍ତ କନ୍‌ସେନ୍‌ଟ୍ରେଟରକୁ ଡ଼ା. ଜୟକୃଷ୍ଣ ସେଠୀ ଓ କମ୍ପାଉଣ୍ଡର ବି. ଲିଙ୍ଗରାଜ ଦୋରାଙ୍କୁ ହସ୍ତାନ୍ତର କରାଯାଇଥିଲା। କାର୍ଯ୍ୟକ୍ରମରେ ବନବାସୀ କଲ୍ୟାଣ ଆଶ୍ରମର ଭିମ ବଡ଼ରଇତ, ଦୟାନିଧି କାର୍ଯ୍ୟୀ, ଜନଜାତି ସୁରକ୍ଷା ମଞ୍ଚର ସଭାପତି ଆଦିକନ୍ଦ ରଇତ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସଂଯୋଜକ ତାରିଣୀ ଚରଣ ଗୌଡ଼, ବନବାସି କଲ୍ୟାଣ ଆଶ୍ରମର ଓଡ଼ିଶା ପ୍ରାନ୍ତ ମହିଳା ପ୍ରମୁଖ ଚନ୍ଦ୍ରମା କାର୍ଯ୍ୟୀ, ସତସଂଘ ପ୍ରମୁଖ ନାରାୟଣ ରଇତ, ଜିଲା ପ୍ରଚାରକ ମୁନିନ୍ଦ୍ର ଶବର ପ୍ରମୁଖ ଉପସ୍ଥିତ ଥିଲେ। ବି.ଲିଙ୍ଗରାଜ ଦୋରା ପରିଚାଳନା କରିଥିଲେ।

# ମଣିଷ ବଦଳରେ ଜେସିବି ଖୋଳୁଛି ପୋଖରୀ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି

ଖଜୁରିପଡ଼ା/ବଲସକୁମ୍ପା, ୨୬।୭(ଡି.ଏନ୍.ଏ.)

ଖଜୁରିପଡ଼ା ବ୍ଲକରେ ୧୪ ଗ୍ରାମ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ମଣିଷ ବଦଳରେ ମେଶିନ୍ କାମ କରୁଛି। ମହାମାରୀରେ ଲୋକଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ସରକାର କାମ ଯୋଗାଇ ଦେଇଛନ୍ତି। କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଦାୟିତ୍ୱହୀନତା ଯୋଗୁ ଶ୍ରମିକମାନେ କାମ ହରାଇ ବସିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପ୍ରଥମେ ସୂଚନାଫଳକ, ତା'ପରେ କାମ ଆରମ୍ଭ ହେବା ନିୟମ ରହିଛି। କିନ୍ତୁ ନା ଏଠି ଅଛି ସୂଚନାଫଳକ ନା କାମ କରୁଛନ୍ତି ଲୋକେ। ବ୍ଲକର ପିରିକୁଡ଼ି ଗ୍ରାମ ପଞ୍ଚାୟତର ବେଡାଙ୍ଗପାଙ୍କୁ ଗ୍ରାମରେ ଜଳ ବିଭାଜିକା ଓ ବିଦ୍ୟୁତ୍ ବିଭାଗ ନାମରେ ଥିବା ଖାତା ନଂ. ୧୨୨ ଓ ପ୍ଲଟ ନଂ. ୧୩୩୫ ଜାଗାରେ ବିଚିତ୍ର ପ୍ରଧାନ ଜେସିବି ଯୋଗେ ପୋଖରୀ ଖୋଳୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଚିତ୍ର ପ୍ରଧାନ ନିଜ ପଟ୍ଟା ଜାଗାରେ ଫାର୍ମ ପଣ୍ଡ ଖୋଳିବା ପାଇଁ ଜଳଛାୟା ବିଭାଗ କାର୍ଯ୍ୟାଳୟ ତରଫରୁ କାର୍ଯ୍ୟାଦେଶ ହୋଇଥିବା ବେଳେ ବିଚିତ୍ର ଜଳ ବିଭାଜିକା ଓ ବିଦ୍ୟୁତ୍ ବିଭାଗ ଜାଗାରେ ଶ୍ରମିକ ବଦଳରେ ମେଶିନ ଲଗାଇ ପୋଖରୀ ଖୋଳିଥିବା ଗ୍ରାମବାସୀ କହିଛନ୍ତି। ଅଭିଯୋଗ ପାଇବା ପରେ ଖଜୁରିପଡ଼ା ତହସିଲଦାର ସ୍ୱପ୍ନିତା ନାୟକ ଏବଂ ଗୁଦାରୀ ରାଜସ୍ୱ ନିରୀକ୍ଷକ ସୁନିଲ କୁମାର ଦିଗାଲ ବେଡାଙ୍ଗପାଙ୍କୁ ଗ୍ରାମକୁ ଯାଇ ପୋଖରୀଖୋଳା ହେଉଥିବା ସ୍ଥାନ ପରିଦର୍ଶନ କରି ଡିମାରକେସନ୍ କରି ବିଚିତ୍ର ଖୋଳୁଥିବା ପୋଖରୀ ଜଳ ବିଭାଜିକା ଓ ବିଦ୍ୟୁତ୍ ବିଭାଗର ଜାଗା ବୋଲି ଚିହ୍ନଟ କରି ଖୋଳା କାର୍ଯ୍ୟକୁ ୨ ମାସ ତଳେ ବନ୍ଦ କରିଥିଲେ। କିନ୍ତୁ ବିଚିତ୍ର ପୁଣି ସୋମବାର ପୋଖରୀଖୋଳା କାର୍ଯ୍ୟ ଆରମ୍ଭ କରିଥିଲେ। ଏ ନେଇ ଗ୍ରାମବାସୀଙ୍କ ଅଭିଯୋଗ ପାଇ ଆର୍‌ଆଇ ଉକ୍ତ ସ୍ଥାନକୁ ଯାଇ କାମ ବନ୍ଦ କରିବାକୁ କହିଥିଲେ। କିନ୍ତୁ କାମ ବନ୍ଦ ନ ହେବାରୁ ବେଡାଙ୍ଗପାଙ୍କୁ ଗ୍ରାମବାସୀ ମଙ୍ଗଳବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧି ଉକ୍ତ ସ୍ଥାନକୁ ଯାଇ ପୋଖରୀଖୋଳାର ଫଟୋ ଉଠାଇଥିଲେ। ଏହା ଦେଖି ଜେସିବି ଚାଳକ କାମ ବନ୍ଦ କରି ଗାଡ଼ି ନେଇ ପଳାଇଥିଲେ। କିନ୍ତୁ ପୁଣି ସନ୍ଧ୍ୟାରେ ବିଚିତ୍ର ଜେସିବି ମେଶିନ ଡକାଇ ରାତିତମାମ ପୋଖରୀଖୋଳା କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାରୀ ଜାଗାରେ କିଭଳି ଜଣଙ୍କ ନାମରେ ପୋଖରୀ ଖୋଳିବା ପାଇଁ ଆଦେଶ ଦିଆଗଲା, ଏ ନେଇ ଜଳଛାୟା ବିଭାଗର ଜେଇ ଏବଂ ତହସିଲଦାରଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ଯୋଗାଯୋଗ ହୋଇପାରି ନାହିଁ। ତେଣୁ ରାଜସ୍ୱ ନିରୀକ୍ଷକ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିଚିତ୍ର ଯେଉଁ ଜାଗାରେ ପୋଖରୀ ଖୋଳୁଛନ୍ତି, ତାହା ଜଳ ବିଭାଜିକା ଓ ବିଦ୍ୟୁତ୍ ବିଭାଗ ନାଁରେ ଅଛି। ତେଣୁ ତହସିଲଦାର ଓ ମୁଁ ସେହି ସ୍ଥାନରେ ପୋଖରୀ ଖୋଳିବାକୁ ମନା କରିଥିଲୁ। ବିଚିତ୍ରଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିବାରୁ ସେ ପ୍ରତିକ୍ରିୟା ଦେବାକୁ ମନା କରିଦେଲେ। ଅନ୍ୟପକ୍ଷରେ ଜଳ ବିଭାଜିକାର କନିଷ୍ଠ ଯନ୍ତ୍ରୀ ହୃଷୀକେଶ ଦାସଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ, ଏ ସମ୍ବନ୍ଧରେ ଅବଗତ ରହିବା ସହିତ ଏସ୍‌ଡିଓ ଏବଂ ତହସିଲଦାରଙ୍କୁ ଜଣାଇଛନ୍ତି।



ଜେସିବି ଦ୍ୱାରା ପୋଖରୀ ଖୋଳାଯାଉଛି।

## ସଂକ୍ଷେପରେ

### ୩୯ କରୋନା ଆକ୍ରାନ୍ତ

**ନୟାଗଡ଼ ଅଫିସ,୨୬।୭:** ନୟାଗଡ଼ ଜିଲାରେ ୩୦ ଦିନରେ ୭୬ ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି। ସୋମବାର ରିପୋର୍ଟରେ ୩୯ ଆକ୍ରାନ୍ତ ଚିହ୍ନଟ ପରେ ଦ୍ୱିତୀୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫,୩୬୩ରେ ପହଞ୍ଚିଛି। ପ୍ରକାଶଥାଉକି ରବିବାର ରିପୋର୍ଟରେ ଦଶପଲ୍ଲା ବ୍ଲକରେ ୨, ଗଣିଆରେ ୨, ଖଣ୍ଡପଡ଼ାରେ ୬, ନୟାଗଡ଼ରେ ୩, ଓଡ଼ଗାଁରେ ୭, ନୂଆଗାଁରେ ୫, ରଣପୁରରେ ୮ ଓ ନୟାଗଡ଼ ମ୍ୟୁନିସିପାଲିଟିରେ ୬ ଜଣ ଆକ୍ରାନ୍ତ ଅଛନ୍ତି। ପ୍ରକାଶଥାଉକି, କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ନୟାଗଡ଼ ଜିଲାରୁ ୧୪୧ ଜୀବନ ଦୀପ ଲିଭି ସାରିଲାଣି।

### ଖଣ୍ଡପଡ଼ା ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ

**ଖଣ୍ଡପଡା,୨୬।୭ (ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକରେ ନୂତନ ବିଡିଓ ଭାବେ ଅରୁଣିମା ସାହୁ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ନୂତନ ବିଡିଓଙ୍କୁ ସ୍ୱାଗତ ଜଣାଇଥିଲେ। ନୂତନ ବିଡିଓ ସାହୁ ପୂର୍ବତନ ବିଡିଓ ପ୍ରମୋଦ କୁମାର ନାଏକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ବିଡିଓଙ୍କ ପ୍ରକୋଷ୍ଠରେ ସମସ୍ତ ପଦାଧିକାରୀଙ୍କ ସହ ବିଡିଓ ସାହୁ ଆଲୋଚନା କରିବା ଅବସରରେ ବିଭିନ୍ନ ପ୍ରସଙ୍ଗ ଉପରେ ପଚାରି ବୁଝିଥିଲେ। ଅପରାହ୍ନରେ ବିଭିନ୍ନ ଗଣମାଧମର ପ୍ରତିନିଧିମାନେ ବିଡିଓଙ୍କୁ ଭେଟି ବ୍ଲକର ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କୁ ଅବଗତ କରିଥିଲେ।

### ସିପିଆଇ(ଏମ୍) ନେତାଙ୍କ ପରଲୋକ

**ନୟାଗଡ଼ ଅଫିସ/ ରଣପୁର, ୨୬।୭ (ସ୍ୱ.ପ୍ର.):** ଅବିଭକ୍ତ ପୁରୀ ଜିଲାର ବରିଷ୍ଠ ସିପିଆଇ(ଏମ୍) ନେତା ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ(୭୬)ଙ୍କର ସୋମବାର ପରଲୋକ ହୋଇଯାଇଛି। ସେ ବହୁଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଚମ୍ପାପେଡିର ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ ରଣପୁର ବ୍ଲକ ଅଧକ୍ଷ ଭାବେ କାର୍ଯ୍ୟ କରିଥିଲେ। ଅନ୍ୟପକ୍ଷେ ସେ ଜଣେ ଆଇନଜୀବୀ ଭାବେ ରଣପୁର କୋର୍ଟରେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁରେ ନୟାଗଡ଼ ଜିଲାରେ ଶୋକର ଛାୟା ଖେଳିଯାଇଛି।

### ବଳାତ୍କାର ମାମଲାରେ ୨ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୬।୭:** ଏକ ବଳାତ୍କାର ମାମଲାର ଶୁଣାଣି କରି ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଜଗଦୀଶ ପ୍ରସାଦ ମହାନ୍ତି ୨ ଜଣ ଅଭିଯୁକ୍ତଙ୍କୁ ସୋମବାର ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ କେ.ନୂଆଗାଁ ଥାନା ଅନ୍ତର୍ଗତ ଶିଲୁ ଓରଫ୍ ସୁନନ୍ଦ ମହାରଣା (୪୦) ଓ ଚିକିଟିପେଣ୍ଠ ନୂଆସାହିର ବୈକୁଣ୍ଠନାଥ ପାଢ଼ୀ (୪୭)। ୨୦୧୭ ଅକ୍ଟୋବର ୧୭ରେ କେ.ନୂଆଗାଁ ଥାନା ଅନ୍ତର୍ଗତ ଏକ ଆଶ୍ରମ ସ୍କୁଲର ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣାରେ ପୋଲିସ ୪ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ୨ଜଣ ଫେରାର ରହିଥିବା ବେଳେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ମାମଲାର ଶୁଣାଣି ବେଳେ ଘଟଣା ପରଠାରୁ ଗିରଫ ହୋଇ ମଣ୍ଡଳ କାରାଗାରରେ ଥିବା ଶିଲୁ ଓ ବୈକୁଣ୍ଠଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଏହି ମାମଲାର ବିଚାର ବେଳେ ୧୭ଜଣ ସାକ୍ଷୀଙ୍କ ବୟାନ୍ ରେକର୍ଡ କରାଯାଇଥିଲା। ପ୍ରମାଣ ଅଭାବରୁ କୋର୍ଟ ଦୁଇଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ତରଫରୁ ଆଇନଜୀବୀ ଗୋପାଳକୃଷ୍ଣ ପଣ୍ଡା, ଫକୀର ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ଜାକେଡ଼ାରେ ଦୁଇ ଗୋଷ୍ଠୀଙ୍କ ବିବାଦ ବଢୁଛି

**ନୟାଗଡ଼ ଅଫିସ,୨୬।୭**

ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡ଼ିପଡ଼ା ଫାଣ୍ଡି ଜାକେଡା ଗାଁରେ ଲାଗି ରହିଥିବା ସବର୍ଣ୍ଣ ଓ ଅସବର୍ଣ୍ଣ ବିବାଦ ସମାଧାନ ହେବା ବଦଳରେ ବଢ଼ି ଚାଲିଛି। ସବର୍ଣ୍ଣଙ୍କ ଅତ୍ୟାଚାରରେ ଗାଁ ଛାଡ଼ିଥିବା ୨୦ ଅସବର୍ଣ୍ଣ ପରିବାରର ମହିଳା ସୋମବାର ଜିଲାପାଳଙ୍କୁ ଭେଟି ସୁରକ୍ଷା, ବଞ୍ଚି ରହିବାକୁ ସରକାରୀ ସହାୟତା, ଗାଁକୁ ଫେରିବାର ବ୍ୟବସ୍ଥା, ନିର୍ଯାତନା ଦେଇଥିବା ସବର୍ଣ୍ଣମାନଙ୍କୁ ଆଇନ ଅନୁସାରେ ଦଣ୍ଡ, ଗାଁ ସମ୍ପତ୍ତିରେ ସେମାନଙ୍କୁ ଭାଗ ଦେବାର ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି।

ସରକାରୀ ଜମିରେ ଥିବା ଆମ୍ବ, କାଜୁ ବଗିଚା ନିଲାମ ଅର୍ଥକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦ ଏପ୍ରିଲ ୨୩ରେ ବିସ୍ଫୋରକ ରୂପ ନେଇଥିଲା। ୨୦ ଘଣ୍ଟା ପରେ ୨ ଅପହରଣକାରୀଙ୍କୁ ଛାଡ଼ିଦେଲା ପରେ ବିବାଦ ସେ ସମୟରେ ଥମିଥିଲା। ହେଲେ ପରେ ଏହା ବଢ଼ିଥିଲା। ଅପହୃତା ଗ୍ରାମରକ୍ଷୀ ବୁଦ୍ଧିବାମନ ନାୟକ ଓରଫ ବିଚି (୪୭) ଓ ମଣିଆ ନାୟକ(୨୮) ନାମକ ୨ ଅସବର୍ଣ୍ଣଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୫୪/୨୧ରେ ୩୮ ଜଣଙ୍କ ନାଁରେ ମାମଲା ରୁଜୁ କରି ଚୁପ ରହିଛି। ଘଟଣାକୁ ୩ ମାସରୁ ଉର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ପୋଲିସ ଏଯାବତ କାହାକୁ ଗିରଫ କରିନି। ଉମାକାନ୍ତ ନାୟକ ନାମ୍ନୀ ମହିଳା କାନ୍ଦି କାନ୍ଦି କହିଥିଲେ ଆମ ଜାତିର ୨ଜଣଙ୍କୁ ଅପହରଣ ପରେ ଆମ ଦୁଃଖ ବଢ଼ି ଚାଲିଛି। ସବର୍ଣ୍ଣମାନେ ଦୁଇଜଣଙ୍କୁ ଛାଡ଼ି ଦେଲେ ସତ ହେଲେ ଆମମାନଙ୍କର ଘରେ ପଶି ଲୁଟ୍ କଲେ। ସବର୍ଣ୍ଣଙ୍କ ନିର୍ଯାତନାରେ ପୁରୁଷ ଲୋକମାନେ ଗତ ଏପ୍ରିଲ ୨୯ରେ ଗାଁ ଛାଡ଼ିଥିଲେ। ପୋଲିସର ସହଯୋଗ ନ ମିଳିବାରୁ ସେମାନଙ୍କ ଉତ୍ପାତ ବଢ଼ି ଚାଲିଲା। ମେ ୪ରେ ମହିଳାଙ୍କୁ ଘରୁ କାଢ଼ି ଦେଲେ। ବାସହରା ପରେ ୨୦ ଅସବର୍ଣ୍ଣ ପରିବାର ଜୀବନଜୀବିକା ପାଇଁ ହଇରାଣ ହରକତ ହେଉଛୁ। ଜୁଲାଇ ୫ରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଯାଇଥିଲୁ। ସେଠାରେ ଅଭିଯୋଗ କରି ଫେରିଛୁ। ଏଯାବତ କିଛି ସୁଫଳ ପାଇନାହୁଁ। କିଛିଦିନ ଭୁବନେଶ୍ୱରରେ ଥିଲୁ। ଏବେ ଆମ୍ବେଡକର ବିଚାର ମଞ୍ଚ ଆମକୁ ସହଯୋଗ କରୁଛି। ନ୍ୟାୟ ପାଇଁ ଜିଲାପାଳଙ୍କୁ ଭେଟିଲୁ। ହେଲେ ଜିଲାପାଳ କହିଲେ, ଆମେ ଗାଁକୁ ଗଲେ ସେ ସମସ୍ୟା ବୁଝିବେ। ଆମେ ଗାଁକୁ କିପରି ଯିବୁ, କେଉଁଠି ରହିବୁ ତା'ର ବ୍ୟବସ୍ଥା ନାହିଁ। ବର୍ଷା ଋତୁରେ ବାହାରେ ରହିବା କାଠିକର ପାଠ ହେଉଛି। କ'ଣ କରିବୁ, କିପରି ଚଳିବୁ, କେଉଁଠି ରହିବୁ, ପିଲାମାନେ କିପରି ପାଠ ପଢ଼ିବେ ସେ ଚିନ୍ତା ଏବେ ଘାରିଛି। ଆମର ଦୁଃଖ ଅନ୍ୟ କାହାରିକୁ କହିବାକୁ ଭୟ ଲାଗିଲାଣି ବୋଲି କହିଛନ୍ତି।


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଅସବର୍ଣ୍ଣ ମହିଳାମାନେ।

**ଗାଁ ଛାଡ଼ିଥିବା ଅସବର୍ଣ୍ଣ ମହିଳା ଜିଲାପାଳଙ୍କୁ ଭେଟିଲେ**
- ସବର୍ଣ୍ଣଙ୍କ ଦୌରାତ୍ମ୍ୟରେ ଲଗାମ ନାହିଁ
- ଅପହରଣ ପରେ ଘରେ ପଶି ଲୁଟ୍
- ମାମଲା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉନି

# ଖଣ୍ଡପଡ଼ାରେ ୨୭ ଉଚ୍ଚ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ

**ଖଣ୍ଡପଡା,୨୬।୭ (ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଦଶମ ଓ ଦ୍ୱାଦଶ ଶ୍ରେଣୀର ଶିକ୍ଷାଦାନ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡା ବ୍ଲକ ଅଧୀନ ୨୮ଟି ହାଇସ୍କୁଲ ମଧ୍ୟରୁ ୨୭ଟିରେ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଆସିଥିଲେ। ଏହିସବୁ ବିଦ୍ୟାଳୟର ସର୍ବମୋଟ ୧,୩୭୭ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୯୨୩ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଆସିଥିବା ବେଳେ ୪୫୪ ଜଣ ଅନୁପସ୍ଥିତ ଥିବା ଖଣ୍ଡପଡା ବ୍ଲକ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁ ସୂଚନା ଦେଇଛନ୍ତି। ଦୀର୍ଘ ମାସ ପରେ ପିଲାମାନେ ବିଦ୍ୟାଳୟ ଶ୍ରେଣୀଗୃହରେ ବସି ପାଠ ପଢ଼ିଛନ୍ତି। ପିଲାମାନେ ଶ୍ରେଣୀଗୃହକୁ ପ୍ରବେଶ କରିବା ପୂର୍ବରୁ ପ୍ରତ୍ୟେକ ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାମାନଙ୍କୁ କୋଭିଡ୍ କଟକଣା ସମ୍ପର୍କରେ ସଚେତନ କରିଥିଲେ। ବିଦ୍ୟାଳୟରେ ପିଲାମାନେ ସାନିଟାଇଜରରେ ହାତ ଧୋଇବା ସହ ଶ୍ରେଣୀଗୃହରେ ସାମାଜିକ ଦୂରତ୍ୱ ବଜାୟ ରଖି ମାସ୍କ ପିନ୍ଧି ବସି ପଢି ଥିଲେ। ବିଦ୍ୟାଳୟ ଶ୍ରେଣୀ ଗୃହଗୁଡିକୁ ପୂର୍ବରୁ ସାନିଟାଇଜ୍ କରାଯାଇଥିଲା। ଚଳିତବର୍ଷ ପ୍ରକାଶିତ ମାଟ୍ରିକ ପରୀକ୍ଷା ଫଳକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ର ଓ ଫେଲ୍ ହୋଇଥିବା ପରୀକ୍ଷାର୍ଥୀଙ୍କ ପାଇଁ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ହୋଇଥିବାରୁ ଏହାକୁ ନଜରରେ ରଖି ନୟାଗଡ଼ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରହିଛି। ଆସନ୍ତା ଅଗଷ୍ଟ ୬ରୁ ଖଣ୍ଡପଡ଼ାର ଉକ୍ତ ବିଦ୍ୟାଳୟରେ ଦଶମ ଶ୍ରେଣୀ ପିଲାଙ୍କ ପାଠପଢା ଆରମ୍ଭ ହେବ। ସେହିପରି ଯୁକ୍ତ ୨ ମହାବିଦ୍ୟାଳୟଗୁଡିକରେ ପାଠପଢା ଆରମ୍ଭ ହୋଇଛି।


ବିଦ୍ୟାଳୟରେ ପ୍ରବେଶ କରୁଥିବା ଛାତ୍ର ହାତ ସାନିଟାଇଜ୍ କରୁଛନ୍ତି।

# ଜିଲାପାଳଙ୍କୁ ସ୍ମାରକପତ୍ର ଦେଲେ ପାଲାଗାୟକ

**ନୟାଗଡ଼ ଅଫିସ,୨୬।୭**

**କରୋନା ସହାୟତା ପାଇଁ ୧୦ ଦଫା ଦାବି**

ଓଡ଼ିଶାର ସାଂସ୍କୃତିକ ପରିଚୟ ହେଉଛି ପାଲାକଳା। ଯାହାକି ଓଡ଼ିଆ ଭାଷା, ସାହିତ୍ୟ, କାବ୍ୟକୃତି, କବିମାନଙ୍କୁ ଉଜ୍ଜୀବିତ କରି ଆସିଛି। ସମ୍ପ୍ରତି ୧୫ ହଜାର ପଞ୍ଜୀକୃତ ପାଲାଗାୟକ ଓ ଗାୟିକା, ୭୫ ହଜାର ସହଯୋଗୀ କଳାକାର ଏପରି ମୋଟରେ ୯୦ ହଜାର ପାଲା କଳାକାରଙ୍କୁ ନେଇ ରାଜ୍ୟସ୍ତରୀୟ ସଙ୍ଗଠନ ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ କଳାକାରମାନଙ୍କ ସ୍ୱାର୍ଥରକ୍ଷା ଦିଗରେ କାର୍ଯ୍ୟ କରିଆସୁଛି। ପୁଣି ପାଲା ସଂସ୍କୃତିକୁ ବଞ୍ଚାଇ ରଖିଛି। ତେବେ ପାଲା କଳାକାରମାନେ ସରକାରୀ ସହାୟତାରୁ ବଞ୍ଚିତ ହୋଇ ଆସୁଛନ୍ତି। ଏଭଳିସ୍ଥଳେ କରୋନା ପାଲା କଳାକାରମାନଙ୍କର ରୋଜଗାରକୁ ବନ୍ଦ କରାଇ ଦେବା ପରେ ଅଧିକାଂଶ ପାଲା ଗାୟକଙ୍କ ଘରେ ଚୁଲି ଜଳୁନି। ଏଣୁ ଜୀବିକା ହରାଇଥିବା କଳାକାରଙ୍କୁ ୨୦ ହଜାର ଟଙ୍କାର ସ୍ୱତନ୍ତ୍ର ସହାୟତା, ମୁଖ୍ୟମନ୍ତ୍ରୀଙ୍କ କଳାକାର ଭତ୍ତା ୩ ହଜାରକୁ ବୃଦ୍ଧି, ବିଭିନ୍ନ ଲୋକ କଲ୍ୟାଣ କାର୍ଯ୍ୟକ୍ରମ ଓ କରୋନା ସଚେତନତା କାର୍ଯ୍ୟକ୍ରମରେ ପାଲା ପ୍ରଦର୍ଶନର ସୁଯୋଗ ଦାବି ରହିଛି। ସେହିଭଳି ପାଲା କଳାକାରମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ପାଲା ଏକାଡେମୀର ପ୍ରତିଷ୍ଠା, ସମସ୍ତ ପାଲା ମଞ୍ଚକୁ ଅନ୍ତତଃପକ୍ଷେ ୫ଦିନ ପାଲା ପରିବେଷଣ ପାଇଁ ଆର୍ଥିକ ସହାୟତା ଦିଆଯାଉ। ଅନ୍ୟପକ୍ଷେ ପରିଷଦର କାର୍ଯ୍ୟାଳୟ, ସଭାଗୃହ ଓ ପାଠାଗାର ନିମନ୍ତେ ଭୁବନେଶ୍ୱରରେ ବିନା ମୂଲ୍ୟରେ ଜମି ଯୋଗାଇବା, ପଞ୍ଜୀକୃତ କଳାକରମାନଙ୍କ ପାଇଁ ପରିଚୟପତ୍ରର ବ୍ୟବସ୍ଥା ସହ ବସ୍ ଓ ଟ୍ରେନ ଯାତ୍ରା ମାଗଣା ଅଥବା ରିହାତି ବ୍ୟବସ୍ଥା, ଆକସ୍ମିକ ମୃତ୍ୟୁରେ କଳାକାର ପରିବାରକୁ ୫ ଲକ୍ଷର ସହାୟତା, ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀରେ ପାଲାଗାୟକ ପ୍ରତିନିଧିଙ୍କ ଭାଗୀଦାରିକୁ ନିଶ୍ଚିତ କରିବାର ୧୦ ଦଫା ଦାବି ରହିଛି। ରାଜ୍ୟ ପାଲାଗାୟକ ପରିଷଦର ସଭାପତି ମଦନମୋହନ ଜେନାଙ୍କ ପରାମର୍ଶକ୍ରମେ ଜିଲା ମଣ୍ଡଳ ସଭାପତି ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ଗାୟକ କଳାନିଧି ମନୋଜ କୁମାର ମିଶ୍ର, ପଞ୍ଚାନନ ସାହୁ, ଯୋଗୀନାଥ ପତି, ତ୍ରିନାଥ ପଣ୍ଡା, ଅକ୍ରୁର ବାରିକ, ଫକୀର ଚମ୍ପତି ପ୍ରମୁଖ ଜିଲାପାଳ ପୋମା ଟୁଡୁଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି।


ପାଲାଗାୟକମାନେ ଜିଲାପାଳଙ୍କୁ ଭେଟି ୧୦ ଦଫା ଦାବିପତ୍ର ପ୍ରଦାନ କରୁଛନ୍ତି।

## ବନ୍ଧୁକ ଦେଖାଇ ଅଳଙ୍କାର ଲୁଟିଲେ ୪ ଦୁର୍ବୃତ୍ତ

**ବୁଗୁଡ଼ା,୨୬।୭(ଡି.ଏନ.ଏ.)**

ବୁଗୁଡ଼ା ଥାନା ଅନ୍ତର୍ଗତ କରସିଂ ଗ୍ରାମରେ ସୋମବାର ଜଣଙ୍କ ଘରେ ପଶି ୪ ଜଣ ଦୁର୍ବୃତ୍ତ ବନ୍ଧୁକ ଓ ଛୁରି ଦେଖାଇ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଲୁଟେରାଙ୍କ ଛୁରା ମଡ଼ରେ ଜଣେ ମହିଳା ଆହତ ହୋଇଥିବା ଅଭିଯୋଗ ହୋଇଛି। କରସିଂ–ଜଗନ୍ନାଥପ୍ରସାଦ ମୁଖ୍ୟ ରାସ୍ତା କଡ଼ରେ କୃଷ୍ଣ ପ୍ରଧାନ(୭୫)ଙ୍କ ଘର। ମଧ୍ୟାହ୍ନରେ ଦୁର୍ବୃତ୍ତମାନେ ଦୁଇଟି ବାଇକ୍‌ରେ କୃଷ୍ଣଙ୍କ ଘରେ ପହଞ୍ଚି ପ୍ରଥମେ ପିଇବା ପାଇଁ ପାଣି ମାଗିଥିଲେ। କୃଷ୍ଣ ସେମାନଙ୍କୁ ପାଣି ଦେବା ପାଇଁ କବାଟ ଖୋଲିବା କ୍ଷଣି ତାଙ୍କୁ ଧକ୍କା ମାରି ଦୁର୍ବୃତ୍ତମାନେ ଘର ଭିତରକୁ ପଶି ଯାଇଥିଲେ। ଜଣଙ୍କ ହାତରେ ମାଉଜର ଥିବା ବେଳେ ଅନ୍ୟ ୩ ଜଣ ଛୁରି ଦେଖାଇ କୃଷ୍ଣଙ୍କ ସ୍ତ୍ରୀ, ବୋହୂ ଓ ନାତୁଣୀ ପିନ୍ଧିଥିବା ସୁନା ଅଳଙ୍କାର ଲୁଟି ନେଇଥିଲେ। ଲୁଟ୍ ସମୟରେ ପୁଅ ନିଶାକର କ୍ଷେତକୁ ଯାଇଥିବା ବେଳେ ବୋହୁ ସୁଜାତା ଲୁଟେରାଙ୍କ ସହ ଲଢ଼ିଥିଲେ। ଲୁଟେରାଙ୍କ ଛୁରା ମାଡ଼ରେ ସୁଜାତାଙ୍କ ବେକରେ ମଧ୍ୟ ସାମାନ୍ୟ ଆଘାତ ଲାଗିଥିଲା। ଘଟଣା ପରେ ଲୁଟେରାମାନେ ସୁଜାତାଙ୍କ ମୋବାଇଲ ଛଡ଼ାଇ ନେଇ ପଳାଇଥିଲେ। ଉକ୍ତ ମୋବାଇଲଟି ଓଡଗାଁ ଥାନା କୋମଣ୍ଡ ନିକଟରୁ ଉଦ୍ଧାର ହୋଇଥିବାରୁ ଲୁଟେରାମାନେ ସେହି ଦିଗରେ ଯାଇଥିବା ଅନୁମାନ କରାଯାଉଛି। ଏ ନେଇ ନିଶାକର ବୁଗୁଡା ଥାନାରେ ଏତଲା ଦେଇଥିଲେ।

## ନ୍ୟାୟ ପାଇଁ ବ୍ଲକ ସମ୍ମୁଖରେ ଧାରଣା ଦେଲେ ମହିଳା

**ଗଣିଆ, ୨୬।୭ (ଡି.ଏନ.ଏ.)**

ବ୍ୟାଙ୍କ ମିତ୍ର ନିଯୁକ୍ତି ପରୀକ୍ଷାରୁ ବଞ୍ଚିତ ହେବା ନେଇ ଜଣେ ମହିଳା ନିଜର ନାବାଳକ ପୁଅଙ୍କୁ ନେଇ ସୋମବାର ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଗଣିଆ ବ୍ଲକ କିଶୋରପ୍ରସାଦ ଗାଁର ସୀତା ମଳିକ ନାମ୍ନୀ ମହିଳା ନ୍ୟାୟ ପାଇବାରୁ ବଞ୍ଚିତ ହେବା ପରେ ବ୍ଲକ କାର୍ଯ୍ୟାଳୟଠାରେ ଧାରଣାରେ ବସିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, କିଶୋରପ୍ରସାଦସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ବ୍ୟାଙ୍କ ମିତ୍ର ନିଯୁକ୍ତି ପାଇଁ ସେ ଆବେଦନ କରିଥିଲେ। ହେଲେ ନିଯୁକ୍ତି ପାଇଁ ପରୀକ୍ଷା ନିମନ୍ତେ ତାଙ୍କୁ କୌଣସି ସୂଚନା କିମ୍ବା ଚିଠି ଦିଆଯାଇ ନ ଥିଲା। ଫଳରେ ସମସ୍ତ କାଗଜପତ୍ର ଠିକ୍ ଥାଇ ସେ ପରୀକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ତେବେ ଓଡ଼ିଶା ଜୀବିକା ମିଶନ ଜରିଆରେ ବ୍ୟାଙ୍କ ମିତ୍ର ନିଯୁକ୍ତି ନିମନ୍ତେ କରାଯାଇଥିବା ପ୍ରକ୍ରିୟାରେ ତାଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ସେ କହିଛନ୍ତି। ଏ ନେଇ ସେ ଜିଲାପାଳଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ହେଁ ତାଙ୍କୁ କୌଣସି ନ୍ୟାୟ ନ ମିଳିବାରୁ ଶେଷରେ ସେ ଧାରଣାରେ ବସି ରହିଥିଲେ। ଏ ସମ୍ପର୍କରେ ବିଡିଓ ସିରିଆଲ ଶୁଭ୍ର ପଟେଲଙ୍କୁ ପଚାରିବାରୁ ମହିଳାଙ୍କ ଅଭିଯୋଗପତ୍ର ଆମର ହସ୍ତଗତ ହୋଇଛି। ତଦନ୍ତ ପରେ ବିଚାରକୁ ନିଆଯିବ ବୋଲି କହିଛନ୍ତି। ଅପରାହ୍ନରେ ଗଣିଆ ବ୍ଲକ ଅଧକ୍ଷ ଶେଷଦେବ ସ୍ୱାଇଁ ସମ୍ପୃକ୍ତା ମହିଳାଙ୍କୁ ବୁଝାଶୁଝା କରିବା ପରେ ଧାରଣା ହଟିଥିଲା।।



ନାବାଳକ ସହ ଧାରଣାରେ ବସିଛନ୍ତି ସୀତା ମଳିକ।

## ନବବଧୂଙ୍କୁ ହତ୍ୟା, ସ୍ୱାମୀ ଅଟକ

**ନୟାଗଡ଼ ଅଫିସ,୨୬।୭**

ନୟାଗଡ଼ ସଦର ଥାନା ଖେଡପଡାରେ ଜଣେ ନବବଧୂଙ୍କୁ ସୋମବାର ହତ୍ୟା କରାଯାଇଛି। ମୃତକ ହେଲେ ସୁଭଦ୍ରା ନାୟକ (୨୧)। ଏ ନେଇ ମୃତକଙ୍କ ଭାଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୧୧୫/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ପୋଲିସ ସ୍ୱାମୀ ଦିଲୀପ ନାୟକ(୨୯)ଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସୁଭଦ୍ରା ୩ ମାସ ତଳେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ଅଧିକ ଯୌତୁକ ଆଣିବାକୁ କେନ୍ଦ୍ରକରି ସୁଭଦ୍ରାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିଲା ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି।

## ବଢ଼ିଲା ଭାପୁର ବ୍ଲକ ଉପାଧକ୍ଷଙ୍କ ଅଡୁଆ: ଜିଲାପାଳ, ଏସ୍‌ପିଙ୍କୁ ରିପୋର୍ଟ ତଲବ

**ନୟାଗଡ଼ ଅଫିସ,୨୬।୭**

ଭାପୁର ବ୍ଲକ ଅଧକ୍ଷା ଶାନ୍ତିଲତା ବେହେରାଙ୍କ ବିରୋଧରେ ଉପାଧକ୍ଷ ଗୟାଧର ପରିଡ଼ାଙ୍କ ଜାତିଆଣ ଆକ୍ଷେପ ମହଙ୍ଗା ପଡ଼ିପାରେ। ଜାତିଆଣ ଆକ୍ଷେପ ସମ୍ପର୍କରେ ଜାତୀୟ ଦଳିତ ପରିଷଦର ରାଜ୍ୟ ସଂଯୋଜକ ଅଶୋକ ନାୟକ ଦିଲ୍ଲୀଠାରେ ଥିବା ଜାତୀୟ ଅନୁସୂଚିତ ଆୟୋଗଙ୍କ ନିକଟକୁ ଉପାଧକ୍ଷଙ୍କ ବିରୋଧରେ ଜାତିଆଣ ଆକ୍ଷେପକୁ ନେଇ ଅଭିଯୋଗ କରିଥିଲେ। ପରେ ଜାତୀୟ ଅନୁସୂଚିତ ଆୟୋଗଙ୍କ ପକ୍ଷରୁ ନୟାଗଡ଼ ଜିଲାପାଳ ଓ ଏସ୍‌ପିଙ୍କୁ ଏ ନେଇ ତଦନ୍ତ କରି ୩୦ ଦିନ ଭିତରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ଅନ୍ୟଥା ସମ୍ବିଧାନର କ୍ଲଜ୍ ୮, ଆର୍ଟିକିଲ ୩୩୮(ଏ)ରେ ଦିଆଯାଇଥିବା କ୍ଷମତାକୁ ପ୍ରୟୋଗ କରି ଜିଲାପାଳ ଓ ଏସ୍‌ପିଙ୍କ ବ୍ୟକ୍ତିଗତ ହାଜରା ପାଇଁ ନୋଟିସ୍ ପଠାଯିବ ବୋଲି କମିଶନରଙ୍କ ପକ୍ଷରୁ ସହକାରୀ ନିର୍ଦ୍ଦେଶକ ଭି. ଅଶୋକବର୍ଦ୍ଧନ ସ୍ପଷ୍ଟ କରିଛନ୍ତି।

## କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ

**ଦଶପଲ୍ଲା, ୨୬।୭ (ଡି.ଏନ.ଏ.)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ସମ୍ମୁଖରେ ଅଖିଳ ଭାରତ କ୍ଷେତ ମଜଦୁର ୟୁନିୟନ ଦଶପଲ୍ଲା ଶାଖା ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇ ଏବିଡିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଦୈନିକ ମଜୁରି ୬୦୦ ଟଙ୍କା ସହ ୨୦୦ ଦିନର କାମର ଗ୍ୟାରେଣ୍ଟି, ମଜୁରି ପ୍ରଦାନରେ ଜାତିଭିତ୍ତିକ ଭେଦଭାବ ନ କରିବା, ଏହି ଯୋଜନା ନିମନ୍ତେ ଅଧିକ ଅର୍ଥ ବ୍ୟୟବରାଦ କରିବା ସହ କାମ କରିଥିବା ଶ୍ରମିକଙ୍କ ବକେୟା ପାଉଣା ତୁରନ୍ତ ପ୍ରଦାନ ସହିତ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ହେରାଫେରି ବନ୍ଦ କରିବା ଇତ୍ୟାଦି ଦାବି କରାଯାଇଛି। ଏହାସହ କେତେକ ସ୍ଥାନୀୟ ସମସ୍ୟା ଉପରେ ଆଲୋଚନା ନିମନ୍ତେ ଏବିଡିଓ ବିଡିଓଙ୍କ ସହ ଅନ୍ୟ ଦିନରେ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ଷେତ ମଜଦୁର ନେତା ବିରଞ୍ଚି ନାଏକ, ଆଦିବାସୀ ନେତା ଲକ୍ଷ୍ମଣ ଜାନୀ, କୃଷକ ନେତା ଗଣେଶ୍ୱର ନାୟକ, ବ୍ରଜବନ୍ଧୁ ପ୍ରଧାନ, ମହିଳା ନେତ୍ରୀ ଜୟନ୍ତୀ ଦାଶ, ଯୁବନେତା ବିପିନ୍ ବାରୁ, ସୁଶାନ୍ତ ନାଏକ ଓ ଶ୍ରମିକ ନେତା ଶରତ ଚନ୍ଦ୍ର ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।



କ୍ଷେତ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ଜିଲାପାଳଙ୍କୁ ଫେରାଦ ହେଲେ ଦଲିଲ ଲେଖକ, ମୋହରିର ସଂଘ

**ନୟାଗଡ଼ ଅଫିସ,୨୬।୭**

**ରେଜିଷ୍ଟ୍ରେଶନ ନ ହୋଇ ପଡି ରହିଛି ୩୦୦ରୁ ଊର୍ଦ୍ଧ୍ୱ କବଲା**
- ଲକ୍ଷାଧିକ ଟଙ୍କାର ଷ୍ଟାମ୍ପ କାଗଜାତ ଭାଲିଡିଟି ଯିବା ଉପରେ
- ଖଣ୍ଡପଡ଼ା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଅଚଳାବସ୍ଥା

ନୟାଗଡ଼ ଜିଲା ଖଣ୍ଡପଡ଼ା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ସବ୍‌ରେଜିଷ୍ଟ୍ରାର ପଦବୀ ଖାଲିପଡିଛି। ସ୍ଥାୟୀ ସବ୍‌ରେଜିଷ୍ଟ୍ରାର ନ ଥିବାରୁ ଖଣ୍ଡପଡା ଅତିରିକ୍ତ ତହସିଲଦାର ସବ୍‌ରେଜିଷ୍ଟ୍ରାର ଭାବେ ଅତିରିକ୍ତ ଦାୟିତ୍ୱ ନେଇଛନ୍ତି। ଜଣେ ବ୍ୟକ୍ତି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିବାରୁ ୩୦୦ରୁ ଉର୍ଦ୍ଧ୍ୱ କବଲା ରେଜିଷ୍ଟ୍ରେଶନ ନ ହୋଇ ପଡିରହିଛି। ପୁଣି ଲକ୍ଷାଧିକ ଟଙ୍କାର ଷ୍ଟାମ୍ପ କାଗଜାତ ଭ୍ୟାଲିଡିଟି ଯିବା ଉପରେ। ଗତ ମାର୍ଚ୍ଚରୁ ଏପରି ଅବ୍ୟବସ୍ଥା ଆରମ୍ଭ ହୋଇଛି। ଏ ନେଇ ଖଣ୍ଡପଡା ଦଲିଲ ଲେଖକ ଓ ମୋହରିର ସଂଘ ପକ୍ଷରୁ କବଲା ବିଡା ଧରି ସୋମବାର ଜିଲାପାଳଙ୍କୁ ଭେଟି ଫେରାଦ ହୋଇଛନ୍ତି।

ଅଭିଯୋଗ ଅନୁସାରେ, ଖଣ୍ଡପଡା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବିକ୍ରି କବଲାରୁ ବିକ୍ରି କବଲା ହେବା, ଇଜିମାଇଲ ସମ୍ପତ୍ତି ଅଂଶୀଦାରମାନଙ୍କ ଅସହମତିରେ ହସ୍ତାନ୍ତର ହେବା, ଅନୁସୂଚିତ ଜାତି, ଜନଜାତି ତାଲିକା ବହିର୍ଭୁକ୍ତ ବ୍ୟକ୍ତିଙ୍କ ଜମି ହସ୍ତାନ୍ତର ହେବା, ଲିଖିତ ଷ୍ଟାମ୍ପ କାଗଜାତ ଅକାମୀ ହେବାର ଛୁଟିଦିନକୁ ବାଦ୍ ଦେବାର ସୁଯୋଗ ସାଧାରଣ ଲୋକ ପାଉନାହାନ୍ତି। ସେହିପରି ଦଲିଲ ଲେଖକ ଓ ମୋହରିରମାନେ ମଧ୍ୟ ରୋଜଗାର ହରାଉଛନ୍ତି। ତେବେ ହାତଗଣତି କେତେଜଣ ବ୍ୟକ୍ତି ଦଲିଲ କରି ଲାଭବାନ୍ ହେଉଛନ୍ତି। ଏହି ସମସ୍ୟା ନେଇ ବାରମ୍ବାର ଅଭିଯୋଗ ପରେ ସୁଫଳ ମିଳୁନି। ଏ ନେଇ ଦଲିଲ ଲେଖକ ଓ ମୋହରିର ସଂଘ ପକ୍ଷରୁ ରମେଶ ମହାନ୍ତି ଓ ଦିଲୀପ ଜେନା କୁହନ୍ତି, ଖଣ୍ଡପଡା ସବ୍‌ରେଜିଷ୍ଟ୍ରାରରେ ଅଚଳାବସ୍ଥା ଦେଖାଦେଇଛି। ଦଲିଲ ପଡି ରହିବା ଓ ଷ୍ଟାମ୍ପ କାଗଜାତ ଭ୍ୟାଲଡିଟି ଯିବା ଉପରେ ଭାରପ୍ରାପ୍ତ ସବ୍‌ରେଜିଷ୍ଟ୍ରାରଙ୍କୁ କହିଲେ ସେ ଆମ ଉପରେ ବିରକ୍ତ ହୋଇ ଅପମାନସୂଚକ କଥା କହୁଛନ୍ତି। ଏଣୁ ଏ ନେଇ ଆମ ସଂଘ ପକ୍ଷରୁ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛୁ। ଆମ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଅଚଳାବାସ୍ଥା ଦୂର କରିବାର ବ୍ୟବସ୍ଥା କରିବାକୁ ନିବେଦନ କରିଛୁ।